Vol.-I, Issue No-28

16-30 April 2023

online portal : odishasanket.com

Mail ID : odishasanket@gmail.com

Price : Rs. 5.00, Page -8

# ଓଡ଼ିଶା ସଙ୍କେତ

## Odisha Sanket



ଅଭିନେତ୍ରୀ ଜିଆ ଖାନ ଆତ୍ମହତ୍ୟା ମାମଲାରେ ସୂରଜ ପଞ୍ଚୋଲି ନିର୍ଦ୍ଦୋଷ

RNI Regd. No. - ODIODI/2022/82445 | ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା | R.N.I. Title Code-ODIODI08118

### ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣା

# ୮ ଜଣଙ୍କୁ ଜାମିନ୍ ଦେଲେ ସୁପ୍ରିମକୋର୍ଟ





ନୂଆଦିଲ୍ଲୀ: ବହୁ ଚର୍ଚ୍ଚିତ ୨୦୦୨ ଗୋଧ୍ରା ଟ୍ରେନ ପୋଡ଼ି ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୮ ଜଣଙ୍କୁ ସୁପ୍ରିମକୋର୍ଟ ଜାମିନ ଦେଇଛନ୍ତି। ତେବେ ଦୋଷୀ ସାବ୍ୟସ୍ତ ହୋଇଥିବା ଆଉ ୪ ଜଣଙ୍କ ଆବେଦନ ଖାରଜ ହୋଇଯାଇଛି। ଘଟଣାରେ ସେମାନଙ୍କ ଭୂମିକାକୁ ଦେଖି ସର୍ବୋଚ୍ଚ ଅଦାଲତ ଏପରି ନିଷ୍ପତ୍ତି ନେଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ୮ ଜଣ ଦୋଷୀଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେମାନେ ୧୭ ବର୍ଷରୁ ଅଧିକ ସମୟ ହେଲା ଜେଲରେ ରହିଥିବାରୁ ସମସ୍ତଙ୍କୁ ଜାମିନ ମିଳିଛି। ଜାମିନ ପାଇଥିବା ୮ ଜଣଙ୍କୁ ଗୋଧ୍ରା ଟ୍ରେନ ପୋଡ଼ି ଘଟଣାରେ ଆଜୀବନ ଜେଲଦଣ୍ଡ ମିଳିଛି। ତେବେ ଟ୍ରାଏଲ କୋର୍ଟଙ୍କ ଦ୍ୱାରା ମୃତ୍ୟୁଦଣ୍ଡ ପାଇଥିବା ଅନ୍ୟ ୪ ଜଣଙ୍କ ଜାମିନ ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରି ଦେଇଛନ୍ତି। ଏହି ୪ ଜଣଙ୍କୁ ଟ୍ରାଏଲ କୋର୍ଟ ପ୍ରଥମେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଗୁଜରାଟ ହାଇକୋର୍ଟ ଏହାକୁ ଆଜୀବନ ଜେଲଦଣ୍ଡରେ ପରିଣତ କରିଥିଲେ।

ଗୋଧ୍ରା ଟ୍ରେନ ପୋଡ଼ି ଘଟଣାର ବିଚାର କରି ଟ୍ରାଏଲ କୋର୍ଟ ୧୧ ଜଣଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଅନ୍ୟ ୨୦ ଜଣଙ୍କୁ ଆଜୀବନ ଜେଲଦଣ୍ଡ ମିଳିଥିଲା।

ଦୋଷୀଙ୍କ ଜାମିନ ଆବେଦନର ଶୁଣାଣି ବେଳେ ଗୁଜରାଟ ସରକାର କହିଥିଲେ ଯେ ଦଣ୍ଡ ପାଇଥିବା ଲୋକମାନେ ଅତ୍ୟନ୍ତ ଗୁରୁତର ଅପରାଧ ଘଟାଇଥିଲେ। ତେଣୁ ସେମାନଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ନ ମିଳୁ। ସଲିସିଟର ଜେନେରାଲ ତୁଷାର ମେହେଟା ଜାମିନ ଆବେଦନକୁ ବିରୋଧ କରି କହିଥିଲେ ଦଣ୍ଡ ପାଇଥିବା ଲୋକମାନେ ଟ୍ରେନର ଦ୍ୱାରକୁ ବାହାର ପଟୁ ବନ୍ଦ କରି ଲୋକଙ୍କୁ ତା' ଭିତରେ ମରିବାକୁ ଛାଡ଼ି ଦେଇଥିଲେ।

ତେବେ ଆବେଦନକାରୀ ଓକିଲ କହିଥିଲେ ଯେ ଏମାନେ ୧୭ ବର୍ଷ ହେଲା ଜେଲରେ ସଜା କାଟି ସାରିଲେଣି। ତେଣୁ ସେମାନଙ୍କୁ ଜାମିନ ଦିଆଯାଉ। ଉଭୟ ପକ୍ଷରୁ ଯୁକ୍ତି ଶୁଣିବା ପରେ ସର୍ବୋଚ୍ଚ ଅଦାଲତ ୮ ଜଣଙ୍କ ଜାମିନ ଆବେଦନ ଉପରେ ମୋହର ମାରିଛନ୍ତି।

୨୦୦୨ ମସିହା ଫେବୃଆରୀ ୨୭ରେ ସାବରମତି ଏକ୍ସପ୍ରେସର ଏକାଧିକ କୋଚକୁ ଗୋଧ୍ରା ରେଳ ଷ୍ଟେସନ ନିକଟରେ ପୋଡ଼ି ଦିଆଯାଇଥିଲା। ଏଥିରେ ୫୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ପୂରା ଗୁଜରାଟରେ ସାଂପ୍ରଦାୟିକ ଦଙ୍ଗା ଦେଖିବାକୁ ମିଳିଥିଲା। ଏଥିରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ।

ଗୋଧ୍ରା ଟ୍ରେନ ପୋଡ଼ି ଘଟଣାରେ ସ୍ଥାନୀୟ କୋର୍ଟ ୨୦୧୧ରେ ୩୧ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୬୩ ଜଣଙ୍କୁ ଦୋଷମୁକ୍ତ କରିଥିଲା। ଦୋଷୀ ସାବ୍ୟସ୍ତ ହୋଇଥିବା ୩୧ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କୁ ମୃତ୍ୟୁଦଣ୍ଡ ଓ ୨୦ ଜଣଙ୍କୁ ଆଜୀବନ ଜେଲଦଣ୍ଡ ମିଳିଥିଲା। ଗୁଜରାଟ ହାଇକୋର୍ଟ ତଳ କୋର୍ଟର ରାୟକୁ କାଏମ ରଖିଥିଲେ। କିନ୍ତୁ ମୃତ୍ୟୁଦଣ୍ଡକୁ ଆଜୀବନ ଜେଲଦଣ୍ଡରେ ପରିଣତ କରିଥିଲେ।

ଦୋଷୀମାନେ ଗୁଜରାଟ ହାଇକୋର୍ଟ ରାୟ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ସେମାନଙ୍କ ଆବେଦନ ୨୦୧୮ରୁ ସୁପ୍ରିମକୋର୍ଟରେ ପଡ଼ି ରହିଛି।

### ବିରୋଧୀଙ୍କୁ ଏକାଠି କରିବାକୁ ପ୍ରୟାସ

# ମମତାଙ୍କୁ ଭେଟିଲେ ନୀତୀଶ ଓ ତେଜସ୍ୱୀ



ନୂଆଦିଲ୍ଲୀ: ବିଜେପି ବିରୋଧରେ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆରମ୍ଭ କରିଥିବା ଉଦ୍ୟମ ଆଜି ପଶ୍ଚିମବଙ୍ଗରେ ପହଞ୍ଚିଛି। ଆଜି ନୀତୀଶ କୁମାର ଓ ତାଙ୍କ ଡେପୁଟି ତେଜସ୍ୱୀ ଯାଦବ ପଶ୍ଚିମବଙ୍ଗର ହାଓ୍ୱଡାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି। ଏହି ୩ ନେତା ୨୦୨୪ ପାଇଁ ଗଠନ ହେବାକୁ ଥିବା ସମ୍ଭାବ୍ୟ ବିରୋଧୀ ମେଣ୍ଟ ସମ୍ପର୍କ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି।

ଦୀର୍ଘ ସମୟର ରୁଦ୍ଧଦ୍ୱାର ବୈଠକ ପରେ ନୀତୀଶ କୁମାର, ମମତା ଓ ତେଜସ୍ୱୀ ଯାଦବ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ମମତା କହିଛନ୍ତି, "ଆମେ ଆଗକୁ ଏକାଠି ହୋଇ ବଢ଼ିବୁ। ଆମର କୌଣସି ବ୍ୟକ୍ତିଗତ ଅଂହକାର ନାହିଁ। ଆମେ ମିଳିତ ଭାବେ କାମ କରିବାକୁ ଚାହୁଁଛୁ।

ବିଜେପି କେମିତି ଜିରୋରରେ ପହଞ୍ଚିବ, ତାହା ହିଁ ମୂଳଲକ୍ଷ୍ୟ। ମୁଁ ନୀତୀଶ କୁମାରଙ୍କୁ ଗୋଟିଏ ମାତ୍ର ଅନୁରୋଧ କରିଛି। ଜୟପ୍ରକାଶଙ୍କ ବିପ୍ଳବ ବିହାରରୁ ଆରମ୍ଭ ହୋଇଥିଲା। ଯଦି ଆମେ ବିହାରରେ ସର୍ବଦଳୀୟ ବୈଠକ କରିପାରିବୁ, ତା'ହେଲେ ଆମେ ଆଗକୁ କୁଆଡ଼େ ଯିବୁ ତା'ର ନିଷ୍ପତ୍ତି ହୋଇପାରିବ। କିନ୍ତୁ ପ୍ରଥମେ ଆମେ ସମସ୍ତେ ଏକାଠି ଅଛୁ ବୋଲି ଗୋଟିଏ ବାର୍ତ୍ତା ଦେବାକୁ ପଡ଼ିବ। ମୁଁ ଆଗରୁ ମଧ୍ୟ କହି ସାରିଛି ବିରୋଧୀ ମେଣ୍ଟକୁ ନେଇ ମୋର କୌଣସି ଅସୁବିଧା ନାହିଁ। ମୁଁ ବିଜେପି କେମିତି ଶୂନ ହେବ, ସେଇଆ ଚାହେଁ।"

ନୀତୀଶ କୁମାର ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, "ଆମେ ଆଲୋଚନା କରିଛୁ। ବିଶେଷ କରି ସବୁ ଦଳ ଏକାଠି ଆସିବା ଓ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଛି।

ଆଗକୁ ଯାହା ବି ହେବ, ଦେଶର ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯିବ। ଯେଉଁମାନେ ଏବେ ଦେଶକୁ ଶାସନ କରୁଛନ୍ତି, ସେମାନେ ଦେଶ ପାଇଁ କିଛି କରିନାହାନ୍ତି। ସେମାନେ କେବଳ ନିଜର ପ୍ରଚାର କରୁଛନ୍ତି। ଦେଶର ବିକାଶ ପାଇଁ କିଛି ବି ହୋଇନି। ଆଲୋଚନା ସକାରାତ୍ମକ ରହିଛି। ବିରୋଧୀ ଦଳଗୁଡ଼ିକ ଏକାଠି ବସି ରଣନୀତି ପ୍ରସ୍ତୁତ କରିବା ଦରକାର।"

ଏହାପୂର୍ବରୁ ମମତା ଓ ନୀତୀଶ କୁମାର ପୃଥକ ପୃଥକ ଭାବେ ବିଭିନ୍ନ ରାଜନୀତିକ ଦଳର ନେତାମାନଙ୍କୁ ଭେଟିଥିଲେ। ୨୦୨୪ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ନେଇ କେମିତି ତୃତୀୟ ସାମ୍ମୁଖ୍ୟ ଗଠନ ହେବ, ସେଥିପାଇଁ ବୈଠକରେ ଆଲୋଚନା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

ଯଦି ସମସ୍ତେ ଏକାଠି ନ ହେଲେ, ତା'ହେଲେ ପଶ୍ଚିମବଙ୍ଗରେ କ୍ଷମତାସୀନ ଟିଏମସି ଓ ବିହାରର ମହାଗଠବନ୍ଧନ ଏକାଠି ୨୦୨୪ ନିର୍ବାଚନ ବେଳେ କାମ କରିବେ ବୋଲି କୁହାଯାଉଛି।

# ବିପୁଳ ଜନସଂଖ୍ୟା ଆମ ପାଇଁ ଫାଇଦା ବି ଆଣିପାରେ !

୨୦୨୩ ଏପ୍ରିଲ ମାସ ୧୯ ତାରିଖରେ ପ୍ରକାଶିତ 'ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି' (ୟୁନାଇଟେଡ଼ ନେସନ୍ସ ପପୁଲେସନ ଫଣ୍ଡ ବା ସଂକ୍ଷେପରେ (ୟୁଏନଏଫପି) ରିପୋର୍ଟରେ ଆକଳନ କରାଯାଇଛି ଯେ ଭାରତର ଜନସଂଖ୍ୟା ୧୪୨ କୋଟି ୮୬ ଲକ୍ଷ ଛୁଇଁ ସାରିଛି ଓ ବିଶ୍ୱର ସବୁଠୁ ଅଧିକ ମଣିଷଙ୍କ ଦେଶଭାବେ ଉଭା ହୋଇଛି। ସବୁଠୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାବେ ପରିଗଣିତ ହୋଇଆସୁଥିବା ଚୀନ ଦେଶର ଲୋକସଂଖ୍ୟା ଭାରତଠାରୁ ପ୍ରାୟ ୨୯ ଲକ୍ଷ କମିଯାଇ ସୀମିତ ହୋଇଯାଇଛି ୧୪୨ କୋଟି ୫୭ ଲକ୍ଷରେ। ଆଜି ଭାରତ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଓ ସର୍ବାଧିକ ଲୋକ ବାସ କରୁଥିବା ରାଷ୍ଟ୍ର। ପୃଥିବୀର ଜନସଂଖ୍ୟା ସମ୍ପ୍ରତି ୮୦୦ କୋଟି ଅତିକ୍ରମ କରିଛି ଓ ଏହାର ୧୭.୬ ପ୍ରତିଶତ ଅଂଶ ଅଧିକାର କରିନେଇଛି ବିକାଶଶୀଳ ରାଷ୍ଟ୍ର ଭାରତ।

ଏହି ହିସାବ ଅନୁସାରେ ଭାରତର ସଦ୍ୟଜନ୍ମିତ ଶିଶୁଙ୍କଠାରୁ ୧୪ ବର୍ଷର ପିଲାଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୫ ପ୍ରତିଶତ, ୧୦ରୁ ୧୯ ବର୍ଷର ଲୋକସଂଖ୍ୟା ୧୮ ପ୍ରତିଶତ, ୧୦ରୁ ୨୪ ବର୍ଷର ଲୋକସଂଖ୍ୟା ୨୬ ପ୍ରତିଶତ ଓ ୧୫ ବର୍ଷରୁ ୬୪ ବର୍ଷ ଯାଏଁ ଲୋକସଂଖ୍ୟା ୬୮ ପ୍ରତିଶତ। ୬୫ ବର୍ଷ ଓ ତାହାଠୁ ଅଧିକ ବୟସର ଲୋକସଂଖ୍ୟା ମାତ୍ର ୭ ପ୍ରତିଶତ। ଭାରତରେ ୨୦୨୧ରେ ହେବାକୁ ଥିବା ଜନଗଣନା କାର୍ଯ୍ୟ କୋଭିଡ କାରଣରୁ ଆରମ୍ଭ ହୋଇ ନଥିବାରୁ ନୀତି ଆୟୋଗ ବହୁ ପୂର୍ବରୁ ଆଶଙ୍କା ପ୍ରକାଶ କରିଥିଲେ ଯେ, ୨୦୨୨ ସରିବା ବେଳକୁ ଭାରତ ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱରେ ପ୍ରଥମସ୍ଥାନ ନେଇସାରିଥିବ। ଜାତିସଙ୍ଘ ରିପୋର୍ଟରେ ଏଭଳି ତଥ୍ୟ ପ୍ରକାଶ ପାଇବାର ବହୁ ପୂର୍ବରୁ, ପରିସଂଖ୍ୟାନ ଓ ଗାଣିତିକ ନିୟମ ପ୍ରୟୋଗ କରି ଅନେକ ସଂସ୍ଥା ମଧ୍ୟ ଏପରି ଅନୁମାନ କରିଆସୁଥିଲେ। ଏହି ନିୟମ ବା ସୂତ୍ର ଆଧାରରେ ଅନୁମାନ କରାଯାଉଛି ଯେ, ୨୦୬୦ ସୁଦ୍ଧା ଭାରତର ଜନସଂଖ୍ୟା ବୃଦ୍ଧି ଶୀର୍ଷରେ ପହଞ୍ଚି ୧୬୫ କୋଟି ଛୁଇଁବ ଓ ତା' ପରଠାରୁ କ୍ରମଶଃ କମି ଚାଲିବ। ସମ୍ଭବତଃ ଆଗାମୀ ଶତାବ୍ଦୀ ଆରମ୍ଭ ବେଳକୁ ଭାରତର ଜନସଂଖ୍ୟା ଆଜି ଭଳି ୧୪୦ କୋଟି ପାଖାପାଖି ହୋଇଥିବ। ଆମର ସମୁଦାୟ ଜନସଂଖ୍ୟାର ଅର୍ଦ୍ଧାଧିକ ହେଉଛନ୍ତି ୩୦ ବର୍ଷରୁ କମ ବୟସର; ଯେଉଁମାନଙ୍କୁ ଆମେ ସମ୍ପଦ କହି ପାରିବା। ଏବେ ଦେଶର କାର୍ଯ୍ୟକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୯୦ କୋଟି। ଏମାନେ ବିକାଶର ନନ୍ଦିଘୋଷକୁ ଆଗକୁ ଟାଣିନେଇ ପାରିବେ। ଭାରତରେ ବୟସ୍କଙ୍କ ସଂଖ୍ୟା ମାତ୍ର ୭ ପ୍ରତିଶତ ଥିଲାବେଳେ ୟୁରୋପରେ ୧୯ ଓ ଉତ୍ତର ଆମେରିକାରେ ୧୭ ପ୍ରତିଶତ। ଜନସଂଖ୍ୟା ହ୍ରାସ ଓ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ଯେ କୌଣସି ଦେଶର ଆର୍ଥିକ ବିକାଶ ପାଇଁ ସହାୟକ ନୁହେଁ।

ଜନସଂଖ୍ୟା ଆକାର ଅଭିବୃଦ୍ଧି ସହ ତାଳଦେଇ ଭୂ-ରାଜନୀତି, ଅର୍ଥନୀତି ଓ ସାଂସ୍କୃତିକ ଶକ୍ତି ଭାବେ ଉଭା ହେବାକୁ ଆଶା କରିଆସିଛି ଭାରତ। ସୌଭାଗ୍ୟକୁ ଜନସଂଖ୍ୟା ଅପେକ୍ଷା ଭାରତର ଅର୍ଥନୀତି ଅଭିବୃଦ୍ଧି ହାର ବିଗତ କିଛି ଦଶନ୍ଧି ଧରି ବଢ଼ିଚାଲିଛି ଯାହାର ଫଳସ୍ୱରୂପ ଦେଶର ଗରିବ ଲୋକଙ୍କ ସଂଖ୍ୟାରେ ଆଖିଦୃଶିଆ ହ୍ରାସ ଘଟିଛି। ଆଜି ଭାରତର କର୍ମକ୍ଷମ ଯୁବଶକ୍ତି ବଢୁଥିଲା ବେଳେ ଅନେକ ଶିଳ୍ପୋନ୍ନତ ଦେଶରେ ବୟସ୍କମାନେ କାମ କରୁଛନ୍ତି, କର୍ମକ୍ଷମଙ୍କ ସଂଖ୍ୟା କମିଯାଉଛି। ଆମର ସେବା କ୍ଷେତ୍ର ଉନ୍ନତ। ଚୀନ ଅପେକ୍ଷା ଆମର ଏଠି ମଜୁରୀ ହାର କମ ଥିବାରୁ ଆମକୁ ଏସବୁର ଲାଭ ଉଠାଇବାକୁ ପଡ଼ିବ। ଏଠାରେ ଉନ୍ନତ ମାନର ବିକଳ୍ପ ଯନ୍ତ୍ରପାତିଠାରୁ ଉପକରଣ ଯାଏଁ ଉତ୍ପାଦନ କରିବାର ଅପୂର୍ବ ସୁଯୋଗ ରହିଛି। କେବଳ ସୁଯୋଗ ଭାବିନେଲେ ହେବନି। ସୁଯୋଗ ସହିତ ବହୁବିଧ ସମସ୍ୟା ମଧ୍ୟ ଆମକୁ ସାମ୍ନା କରିବାକୁ ପଡ଼ିବ। ଆଜି ବି ବୈଶ୍ୱିକ ମାପଦଣ୍ଡରେ ଅନେକ ଭାରତୀୟ ଗରୀବ ବୋଲି କୁହାଯାଇ ପାରିବ। ଅନେକ ଯୁବ-କର୍ମକ୍ଷମ ଲୋକ ଉପଯୁକ୍ତ ଓ ପର୍ଯ୍ୟାପ୍ତ ଶିକ୍ଷାରୁ ବଞ୍ଚିତ ହୋଇଥିବାରୁ ମନପସନ୍ଦ ନିଯୁକ୍ତି ସୁଯୋଗ ପାଉନାହାନ୍ତି। ମାତ୍ର ଏକ ପଞ୍ଚମାଂଶ ମହିଳା କାମକରି ରୋଜଗାର କରନ୍ତି। ଯଦିଓ ଉନ୍ନତ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଆଜି ବି ଚାଲିଛି ଓ ଭାରତ ଦ୍ରୁତ ଧାବମାନ ଅଶ୍ୱ ଭଳି ଲକ୍ଷ୍ୟପଥରେ ଗତିଶୀଳ ରହିଛି, ତଥାପି ଲକ୍ଷ୍ୟସ୍ଥଳ ଅନେକ ଦୂର।

ବିଗତ କିଛି ଦଶନ୍ଧି ଧରି ଚୀନର



ଆର୍ଥନୈତିକ ଏବଂ ଭୂ-ରାଜନୈତିକ ଉତ୍ଥାନ କାରଣରୁ ଆମେ ଏକ ବିବର୍ତ୍ତିତ ବିଶ୍ୱ ଦେଖିବାକୁ ପାଇଲେ। ଭାରତ ଭଳି ବିରାଟ ଭୂଖଣ୍ଡ ଯଦି ଚୀନର ଜନସଂଖ୍ୟା ହ୍ରାସକୁ ନିଜ ସପକ୍ଷରେ ବ୍ୟବହାର କରିପାରିବ ଆମେ ପୁଣି ଏକ ବିବର୍ତ୍ତିତ ବିଶ୍ୱ ସୃଷ୍ଟିକରି ପାରିବା। ଏହା ସତ୍ୟ ଯେ, ଭାରତ ଅପେକ୍ଷା ଚୀନ ବହୁଗୁଣରେ ବିତ୍ତଶାଳୀ। କିନ୍ତୁ, ତାହା ମୂଳରୁ ନଥିଲା। ବିଗତ କିଛି ଦଶନ୍ଧି ମଧ୍ୟରେ ଚୀନ ଏପରି ବିତ୍ତଶାଳୀ ହୋଇପାରିଛି। ୧୯୭୦ ବେଳକୁ ମୁଣ୍ଡପିଛା ଆୟ ହିସାବରେ ଚୀନ ଅପେକ୍ଷା ଭାରତ ଥିଲା ଅଧିକ ସମ୍ପନ୍ନ। ସେହି ସମୟରେ ଚୀନ ରାଷ୍ଟ୍ରପତି ଡେଙ୍ଗ ଜିଆଓପିଙ୍ଗ ଦେଶରେ ଅର୍ଥନୀତିକୁ ପ୍ରୋତ୍ସାହନ ଦେଲେ। ଫଳରେ ସେଠାକୁ ବିଦେଶୀ ପୁଞ୍ଜି ଆସିଲା ଏବଂ ରକ୍ଷଣଶୀଳ କମ୍ୟୁନିଷ୍ଟ ଶାସନ ବ୍ୟବସ୍ଥାର ଦୁର୍ବଳତା ଦୂରହେଲା। ଚୀନକୁ ବଡ଼ବଡ଼ କମ୍ପାନୀ ଆସିବାକୁ ଲାଗିଲେ, ସେଠାରେ ଉତ୍ପାଦନ କଲେ ଓ ସାମଗ୍ରୀ ବିଦେଶକୁ ରପ୍ତାନୀ କରିବା ସହ ସ୍ଥାନୀୟ ଚୀନ ଉତ୍ପାଦକଙ୍କୁ ବୈଷୟିକ ଜ୍ଞାନ କୌଶଳ ହସ୍ତାନ୍ତର କଲେ। ଆମେରିକାରେ ଯେଉଁଳି ବହୁ ପୂର୍ବରୁ ସରକାରୀ ଆଇନ ମାନି ବଜାର ପୁଞ୍ଜି ନିବେଶ ହୋଇପାରିଥିଲା, ସେହିପରି ନିୟନ୍ତ୍ରିତ ଢଙ୍ଗରେ ଛତୁ ଫୁଟିଲା ଭଳି ଚୀନରେ ଶିଳ୍ପସଂସ୍ଥାମାନେ କଳ କାରଖାନା କଲେ। ପରିଣାମରେ, କୃଷି କ୍ଷେତ୍ରରେ ନିଯୁକ୍ତ ଶ୍ରମଶକ୍ତି ସହରମୁହାଁ ହୋଇ କୌଶଳ ଶିକ୍ଷାକରି ଶିଳ୍ପଶ୍ରମିକ ହେଲେ। ଯାନ୍ତ୍ରିକ କୃଷି ପ୍ରବର୍ତ୍ତନ କରାଗଲା। ଗ୍ରାମୀଣ ଅର୍ଥନୀତି, ଗରୀବ ଲୋକଙ୍କ ଦେଶ ଚୀନ ଧୀରେ ଧୀରେ ରୂପାନ୍ତରିତ ହେବାକୁ ଲାଗିଲା ଏକ ଧନଶାଳୀ ସମୃଦ୍ଧ କ୍ଷମତାକେନ୍ଦ୍ର ଭାବେ। ଅନ୍ୟପକ୍ଷରେ, ଭାରତ କମ୍ୟୁନିଷ୍ଟ ଦେଶ ନଥିଲା। ପରାଧୀନତାର ବେଡ଼ିରୁ ମୁକ୍ତିଲାଭ କରି ଏକ ଦୁର୍ବଳ ସମାଜବାଦ ଅର୍ଥନୀତିରେ ବିଶ୍ୱାସ କରୁଥିବା ଦେଶ ଭାରତ କଚ୍ଛପ ଗତିରେ ଆଗକୁ ବଢୁଥିଲା। ଉଭୟ କୃଷକ ଓ ଶିଳ୍ପପତିଙ୍କ ସ୍ୱାର୍ଥରକ୍ଷା, ରାଜନୈତିକ ଅସ୍ଥିରତା, ବହୁଦଳୀୟ ଗଣତନ୍ତ୍ରର ଘନଘଟା ଭିତରେ ସରକାର ପରେ ସରକାର ଆସୁଥିଲେ ହେଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ଶିଳ୍ପ ବିପ୍ଳବ ଭାରତରେ ଆସିପାରୁନଥିଲା। ବିମାନସେବା, ରେଳ, ସଡ଼କ ପରିବହନ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଆଜି ଚୀନ ଆମେରିକାଠାରୁ ବହୁତ ଆଗରେ – ଯାହା ଆମେ ଏବେ ଆରମ୍ଭ କରିଛେ।

ଦ୍ୱିତୀୟତଃ ଶିକ୍ଷା ବ୍ୟବସ୍ଥା। ଚୀନ ନାଗରିକ ଆମ ଅପେକ୍ଷା ଅନେକ ବର୍ଷତଳୁ ଶିକ୍ଷା କ୍ଷେତ୍ରରେ ଆଗୁଆ। ୧୯୪୦-୭୦ ମଧ୍ୟରେ ଅତ୍ୟାଚାରୀ ମାଓ ଜେଡୋଙ୍ଗ ଶାସନରେ ଭଲ କାମ ଥିଲା, ଉଭୟ ପୁଅ ଓ ଝିଅଙ୍କ ପାଇଁ ଶିକ୍ଷା। ପ୍ରଶିକ୍ଷିତ ଲୋକମାନେ ହିଁ ସବୁବେଳେ ଅଧିକ ଉତ୍ପାଦନ କରିବାକୁ ସମର୍ଥ, ଏହା ଚୀନ ପ୍ରମାଣ କରିଛି। ଭାରତ କିନ୍ତୁ ରହିଗଲା ପୁରୁଷ ପ୍ରଧାନ ହୋଇ; ମହିଳା ଶିକ୍ଷା ରହିଯାଇଥିଲା ସୁଦୂର ପରାହତ। ପରିଣାମରେ, ରୋଜଗାର କ୍ଷେତ୍ରରେ ପୁରୁଷ ଓ ନାରୀଙ୍କ ମଧ୍ୟରେ ଶୂନ୍ୟସ୍ଥାନ ସୃଷ୍ଟିହେଲା। ଶିକ୍ଷା ଓ ନିଯୁକ୍ତିଠାରୁ ଆରମ୍ଭ କରି ବିଭିନ୍ନ ମାପଦଣ୍ଡରେ ପଛୁଆ ରହିଗଲେ ମହିଳା। ପରିବର୍ତ୍ତିତ ପରିସ୍ଥିତିରେ, ସର୍ବାଧିକ ଯୁବକର୍ମୀଙ୍କ ଦେଶ ଭାରତର ମହିଳାମାନେ ଦେଶଗଠନରେ ସମାନୁପାତିକ ଭାଗ ନନେଲେ, ସର୍ବାଧିକ ଜନସଂଖ୍ୟାର ରାଷ୍ଟ୍ର ଭାରତ ଆଗକୁ ବଢ଼ିପାରିବନି।

ତୃତୀୟରେ କର୍ମକ୍ଷମ ଜନସଂଖ୍ୟା। ମରୁଡ଼ି ମୁକାବିଲା କରିବାକୁ ୧୯୬୦ ଦଶକରେ ତ୍ରୁଟିପୂର୍ଣ୍ଣ ଏକ ସନ୍ତାନ ନୀତି ପ୍ରବର୍ତ୍ତନ କାରଣରୁ 'ବୟସ୍କଙ୍କ ଦେଶ' ପାଲଟି ଯାଇଛି ଚୀନ। ସେଠାରେ ୨୦୫୦ ମସିହା ବେଳକୁ କର୍ମକ୍ଷମ ଜନସଂଖ୍ୟା ଥିବ ମାତ୍ର ୬୦ କୋଟି, ଯେତେବେଳେ କି ଭାରତରେ ଏହି ସଂଖ୍ୟା ପହଞ୍ଚିଥିବ ୮୦ କୋଟିରେ। ଏହାକୁ ଉପଯୋଗକରି ଭାରତ ନିଜର ଅର୍ଥନୀତି ଓ ବୈଶ୍ୱିକ ପତିଆରା ବୃଦ୍ଧି କରିପାରିବ। କିନ୍ତୁ, ଭାରତ ଯଦି ଏହି ଯୁବଶକ୍ତିର ଉପଯୁକ୍ତ ବିନିଯୋଗ କରି ନପାରେ, ତାହାର ସ୍ଥିତି ଯେ ଅକଳ୍ପନୀୟ ଭାବେ ଅବଦମିତ ହୋଇଯିବ, ତାହା ଭୟ ସୃଷ୍ଟି କରୁଛି। ଭାରତରେ ଏବେ ୩୫ ବର୍ଷରୁ କମ୍ ଯୁବକଙ୍କ ସଂଖ୍ୟା ୬୦%ରୁ ଅଧିକ। ସଠିକ୍ କାର୍ଯ୍ୟକ୍ରମ ଏବଂ ନୀତି ପ୍ରଣୟନ କରାଗଲେ ବର୍ଦ୍ଧିତ ଜନସଂଖ୍ୟା ଅର୍ଥନୈତିକ ଅଭିବୃଦ୍ଧିରେ ବାଧା ସୃଷ୍ଟି କରେ ନାହିଁ। ଏଣୁ ଭାରତ ଏହାର ବର୍ଦ୍ଧିତ ତରୁଣ-ଜନସଂଖ୍ୟାକୁ ସଠିକ କାର୍ଯ୍ୟକ୍ରମ ଓ ନୀତି ପ୍ରଣୟନ କରି ଦ୍ରୁତ-ଅର୍ଥନୈତିକ ଅଭିବୃଦ୍ଧିରେ ବ୍ୟବହାର କରିପାରିବ। ଦେଖିବାକୁ ଗଲେ ଭାରତ ପରି ବିକାଶଶୀଳ ଦେଶ ପାଇଁ ବର୍ଦ୍ଧିତ ଜନସଂଖ୍ୟା ଲାଭଜନକ ସାବ୍ୟସ୍ତ ହୋଇପାରେ।

ଚତୁର୍ଥରେ ଆମେରିକା ସମେତ ବିଭିନ୍ନ ଦେଶ ସହିତ ଭାରତର କୂଟନୈତିକ ସମ୍ପର୍କ ଚୀନ ଅପେକ୍ଷା ଅଧିକ ଦୃଢ଼ ଓ ପାରସ୍ପରିକ ସହଯୋଗ ଆଧାରିତ। ଚଳିତ ବର୍ଷ ଜି-୨୦ ରାଷ୍ଟ୍ର ସମୂହର ସଭାପତିତ୍ୱ କରୁଥିବାରୁ ଭାରତର ସମ୍ମାନ ବଢ଼ିଛି। ଦେଶର ଅଭିବୃଦ୍ଧି ହାର ସମସ୍ତଙ୍କୁ ପଛରେ ପକାଇ ଦେବା ଏକ ଭଲ ସଂକେତ।

ଜନସଂଖ୍ୟା ବୃଦ୍ଧିର ତୀବ୍ରତା ମାପିବାକୁ ଆମେ ମୋଟ ପ୍ରଜନନ ହାର ବା ଟୋଟାଲ ଫର୍ଟିଲିଟି ରେଟ ବା ସଂକ୍ଷେପରେ 'ଟିଏଫଆର'କୁ ଏକକ ରୂପେ ଗ୍ରହଣ କରୁ। ଆମ ଦେଶର ଜନଗଣନା ତଥ୍ୟ ଓ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣରୁ ମିଳିଥିବା ତଥ୍ୟ ଅନୁଯାୟୀ ଅଧିକାଂଶ ରାଜ୍ୟର 'ଟିଏଫଆର' ୧୯୯୪ ମସିହାରେ ୩.୪୦ ଥିଲେ ହେଁ ୨୦୧୫ ମସିହା ବେଳକୁ କମି ୨.୨୦କୁ ଖସି ଆସିଥିଲା ଓ ଏବେ ପହଁଚିଛି ୨.୧୦ରେ। କୌଣସି ଦେଶର ଜନସଂଖ୍ୟାକୁ ସ୍ଥିର ରଖିବାକୁ ହେଲେ ସେହି ଦେଶର ଟିଏଫଆର ୨.୧ ରହିବା ଦରକାର। ଅର୍ଥାତ୍, ୨.୧ରୁ କମ ହେଲେ ଜନସଂଖ୍ୟା ହ୍ରାସ ପାଇବା ସହ କର୍ମ ଉପଯୋଗୀ ବୟସ ବର୍ଗର ସଂଖ୍ୟା କମି ଯାଇଥାଏ। ବିଶ୍ୱର ୮୩ଟି ଦେଶରେ ଏବେ ଟିଏଫଆର ୨.୧୦ଠାରୁ ତଳେ ଥିବାରୁ ୨୦୫୦ ସୁଦ୍ଧା ସେହି ଦେଶଗୁଡ଼ିକରେ ବୟସ୍କ ଲୋକଙ୍କ ସଂଖ୍ୟା ଆନୁପାତିକ ଭାବେ ବଢ଼ିଯିବାର ଆଶଙ୍କା ଦେଖା ଦେଇଛି। ଆଫ୍ରିକାର କେତେକ ଦେଶରେ ବର୍ତ୍ତମାନ ଏହି ହାର ୩.୦ରୁ ଅଧିକ ହୋଇଥିବା ବେଳେ ତାଇୱାନରେ ଏହା ସର୍ବନିମ୍ନ ୧.୦୭ ଓ ଦକ୍ଷିଣ କୋରିଆ, ସିଙ୍ଗାପୁର, ଜାପାନ, ଜର୍ମାନୀ ଭଳି ଅନେକ ଉନ୍ନତ ଦେଶରେ ୧.୫୦ରୁ କମ। ପଚିଶଟି ଭାରତୀୟ ରାଜ୍ୟରେ ମହିଳାଙ୍କ ହାରାହାରି ପ୍ରଜନନ ହାର ୨.୧ରେ ସୀମିତ ରହିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ଭାରତର ମୋଟ ପ୍ରଜନନ ହାର ୨୦୨୫ ସୁଦ୍ଧା ୧.୯୩ ଏବଂ ୨୦୩୦ ସୁଦ୍ଧା ୧.୮କୁ ହ୍ରାସ ପାଇପାରେ।

କିନ୍ତୁ ସମଗ୍ର ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ପ୍ରକ୍ରିୟା ଯେଉଁ ହାରରେ ବୃଦ୍ଧି ପାଉଛି ତାହା ଫଳରେ ଭବିଷ୍ୟତରେ ବର୍ଦ୍ଧିତ ତରୁଣ-ଜନସଂଖ୍ୟା ହୁଏତ ନିଯୁକ୍ତି ସୁଯୋଗରୁ ବଞ୍ଚିତ ରହିଯାଇ ପାରନ୍ତି। ଦ୍ୱିତୀୟରେ ପରିବେଶ ଦୃଷ୍ଟିରୁ ଦେଖିଲେ ପୃଥିବୀରେ ଯାହା କିଛି ପ୍ରାକୃତିକ ସମ୍ବଳ ରହିଛି ସେଥିରେ ପରିବେଶ ପ୍ରତି ବିପଦ ସୃଷ୍ଟି ନ କରି ସର୍ବାଧିକ ୧୯୦ କୋଟି ଲୋକ ସ୍ୱଚ୍ଛନ୍ଦରେ ଚଳି ପାରିବେ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ ପୃଥିବୀର ଜନସଂଖ୍ୟା ପ୍ରାୟ ୮୦୦ କୋଟି। ଏଣୁ ଆଗାମୀ ଦିନରେ ଏକ ବୃହତ ଶ୍ରମଶକ୍ତି ଅପେକ୍ଷା ଏକ କ୍ଷୁଦ୍ର ଅଥଚ ଅତ୍ୟଧିକ ଜ୍ଞାନସମ୍ପନ୍ନ କୁଶଳୀ ଶ୍ରମଶକ୍ତି ଅଧିକ ଲାଭଜନକ ସାବ୍ୟସ୍ତ ହୋଇପାରେ। ସେହି ଦୃଷ୍ଟିକୋଣରୁ ଭାରତର ଜନସଂଖ୍ୟା ନିଶ୍ଚିତ ଭାବେ ଉଦବେଗଜନକ।

ଆଗାମୀ ବର୍ଷଗୁଡ଼ିକ ଭାରତ ପାଇଁ ଆହ୍ୱାନଭରା। ଆମେ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତିରେ ପହଞ୍ଚିବା ସହ ସର୍ବାଧିକ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି ଭାବେ ପରିଗଣିତ ହେଉଛେ। ସାମରିକ ବ୍ୟୟ ଦୃଷ୍ଟିରୁ ତୃତୀୟ ସ୍ଥାନରେ ଅଛେ। ବିଶ୍ୱର ସର୍ବାଧିକ ଜନସଂଖ୍ୟା ଥିବା ରାଷ୍ଟ୍ରର ମାନ୍ୟତା ଦେଇଥିବା ଜାତିସଂଘ ଏହାକୁ ଏକ ସୁଯୋଗ ଭାବେ ଚିତ୍ରଣ କରିଛି। ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବା ଯାଏଁ ସମୟକୁ ଅର୍ଥାତ ଆଗାମୀ ୨୪ ବର୍ଷକୁ ଦେଶ ଅମୃତ କାଳ ଭାବେ ନାମିତ କରିଛି ଓ ଏହି ସମୟ ଅବଧିରେ ଆମକୁ ବିଶ୍ୱଗୁରୁ ହେବାକୁ ଆହ୍ୱାନ ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟରେ ଯେ କୌଣସି ଦଳ ଆଗାମୀ ବର୍ଷମାନଙ୍କରେ ସରକାର ଗଠନ କରିବେ, ସେମାନଙ୍କ ପାଇଁ ଆହ୍ୱାନ ସମାନ ରହିବ। ଆଶା, ଦେଶ ଓ ଦେଶବାସୀଙ୍କ ହିତରେ ସେମାନେ ନିଶ୍ଚୟ ନିର୍ଣ୍ଣୟ ନେବେ। ଆମକୁ କିନ୍ତୁ ସେହି ସମସ୍ତ ନିର୍ଣ୍ଣୟଗୁଡ଼ିକୁ ମାନି ଚାଲିବାକୁ ପଡ଼ିବ। ସେଥିରେ ସାମାନ୍ୟତମ ତ୍ରୁଟି ହୁଏତ ଏକ ବିଭିଷୀକାମୟ ଗୃହଯୁଦ୍ଧକୁ ନିମନ୍ତ୍ରଣ କରିବ।

ଜୀବନ ଯେମିତି

ବାହାଘରକୁ ନେଇ ସବୁ ଝିଅଙ୍କ ମନରେ ବେଶ୍ ଉତ୍ସାହ ରହିଥାଏ। କ'ଣ ପିନ୍ଧିବେ, କେମିତି ମେକ୍‌ଅପ୍ ନେବେ ଏଭଳି ସବୁ କଥାକୁ ନେଇ ଅନେକ ଚିନ୍ତାରେ ପଡ଼ିଯାଆନ୍ତି। ଖାସ୍ କରି, ବାହାଘରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପୋଷାକ। ଯଦି ବାହାଘରରେ ଲେହେଙ୍ଗା ପିନ୍ଧିବା ପାଇଁ ମନ କରିଛନ୍ତି ତାହେଲେ ଆପଣଙ୍କୁ କିଛିଟା ଜିନିଷ ପ୍ରତି ଧ୍ୟାନ ଦେବାକୁ ପଡ଼ିବ...

# ବାହାଘରକୁ ଲେହେଙ୍ଗା କିଣୁଥିଲେ



- ଲେହେଙ୍ଗା କିଣିବା ସମୟରେ ନିଜ ଉଚ୍ଚତା, ଓଜନ ଏବଂ ରଙ୍ଗକୁ ମାନିଲା ଭଳି ଡିଜାଇନ୍ ପସନ୍ଦ କରନ୍ତୁ। ଯାହା ସୁନ୍ଦର ଦେଖାଯାଉଥିବ ତାହା ଆପଣ ପିନ୍ଧିଲେ ଭଲ ଦିଶିବେ ଏପରି କିଛି କାରଣ ନାହିଁ।
- ଯଦି ଆପଣଙ୍କ ଉଚ୍ଚତା ଠିକ୍ ଅଛି, କିନ୍ତୁ ଓଜନ କମ୍ ଥିଲେ ଆପଣ ଅଧିକ ଘେର ଥିବା ଲେହେଙ୍ଗା ପିନ୍ଧିବା ଉଚିତ୍। ଏହାଦ୍ୱାରା ଆପଣଙ୍କ ଉଚ୍ଚତା ଅଧିକ ଜଣାପଡ଼ିବନି। କିନ୍ତୁ ଯଦି ଉଚ୍ଚତା କମ୍ ଓ ଓଜନ ଅଧିକ ଥିଲେ ପତଳା ବା କମ୍ ଡିଜାଇନ୍‌ର ଲେହେଙ୍ଗା ଭଲ ଦିଶିବ।
- ଆପଣଙ୍କ ଉଚ୍ଚତା ଅନୁଯାୟୀ ଓଜନ ଅଧିକ ଥିଲେ ଫିଟିଂ ଲେହେଙ୍ଗା ଖୁବ୍ ଭଲ ମାନିବ। ଏହାକୁ ପିନ୍ଧିବା ଦ୍ୱାରା ଆପଣଙ୍କ ମୋଟାପଣ ଜଣାପଡ଼ିବନି ଓ ସାମାନ୍ୟ ପତଳା ଦିଶିବେ।
- ଯଦି ଆପଣଙ୍କ ରଙ୍ଗ ଗୋରା ତେବେ ଯେକୌଣସି ରଙ୍ଗର ଲେହେଙ୍ଗା କିଣିପାରନ୍ତି। ଯେପରିକି- ପିଙ୍କ୍, ପିଚ୍ ବା ଲାଇଟ୍-ସଫ୍ଟ ଗ୍ରୀନ୍, ପେଷ୍ଟାଲ୍ ଆଦି।
- ଶ୍ୟାମଳ ବର୍ଣ୍ଣ ହୋଇଥିଲେ ରୁବି ରେଡ୍, ନେଭି ବ୍ଲୁ, ଅରେଞ୍ଜ ରଷ୍ଟ, ଗୋଲ୍‌ଡ଼େନ୍, ରୟାଲ୍ ବ୍ଲୁ ଭଳି ରଙ୍ଗର ଲେହେଙ୍ଗା କିଣନ୍ତୁ।
- କଳା ରଙ୍ଗର ଝିଅମାନେ ବ୍ରାଇଟ୍ କଲର୍ ଯେପରିକି- ମର୍ଜେଣ୍ଟା, ଲାଲ୍, ନାରଙ୍ଗୀ ଆଦି ପସନ୍ଦ କରିବା ଉଚିତ୍। ଏହା ଆପଣଙ୍କ ରଙ୍ଗକୁ ବେଶ୍ ଭଲ ମାନିବ।
- ଧ୍ୟାନ ରଖିବେ ଯଦି ଲେହେଙ୍ଗା ଅଧିକ ଭାରୀ କାମ (ହେଭି ୱାର୍କ୍) ହୋଇଥାଏ ତେବେ ଦୁପଟ୍ଟା ହାଲ୍‌କା କାମ ହୋଇଥିବା ଦରକାର। ଯଦି ଉଭୟରେ ଭାରୀ କାମ ହୋଇଥାଏ ତାହେଲେ ଆପଣଙ୍କ ଗହଣାର ଲୁକ୍ ଜଣାପଡ଼ିବନାହିଁ, ଏଥିସହ ଆପଣଙ୍କ ଲୁକ୍ ମଧ୍ୟ ଭାରୀ ଦିଶିବ। ଏସବୁ ବାଦ୍ ନିଜେ ଆରାମ ଅନୁଭବ କରିବା ଭଳି ଲେହେଙ୍ଗା ହିଁ କିଣନ୍ତୁ।






ରୋଷେଇ

ସାଲାଡ୍‌ରେ ପର୍ଯ୍ୟାପ୍ତ ମାତ୍ରାରେ ନ୍ୟୁଟିଏଣ୍ଟ୍‌ସ୍ ଏବଂ ଫାଇବର୍ ରହିଥାଏ, ଯାହାକି ଆମକୁ ସୁସ୍ଥ ରଖିବାରେ ଯଥେଷ୍ଟ ଭୂମିକା ରହିଛି। ଯଦି ଆମର ଖାଦ୍ୟରେ ପ୍ରତିଦିନ ସାଲାଡ୍‌କୁ ସାମିଲ୍ କରାଯାଏ ତେବେ କିଡ୍‌ନୀ ରୋଗ ଭଳି ଗୁରୁତ୍ୱର ସ୍ୱାସ୍ଥ୍ୟ ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିବ। ଏହା ଆମର କି କି ଉପକାରରେ ଆସିପାରେ, ସେ ସମ୍ପର୍କରେ ଜାଣିରଖନ୍ତୁ....

# ନିୟମିତ ସାଲାଡ୍ ଖାଆନ୍ତୁ !

- ସାଲାଡ୍‌ରେ ଯଥେଷ୍ଟ ଫାଇବର ଥିବାରୁ ଏହା ଶରୀରରୁ ବର୍ଜ୍ୟ ଜିନିଷ ବାହାର କରିବାରେ ସହାୟକ ହୁଏ। ଫଳରେ କିଡ୍‌ନୀ ସଠିକ୍ ରୂପେ ପରିଚାଳିତ ହୁଏ।
- ଏଥିରେ ଥିବା ଏଞ୍ଜାଇମ୍ସ ଖାଦ୍ୟ ହଜମ ପ୍ରକ୍ରିୟାକୁ ସହଜ କରିପାରେ। ରକ୍ତ ସଞ୍ଚାଳନରେ ସୁଧାର ଆସିବା ସହ ତ୍ୱଚାରେ ଉଜ୍ଜ୍ୱଲ୍ୟତା ଆସିଥାଏ। କ୍ୟାନସର୍ ସେଲ୍ ତିଆରି ହେବାରୁ ମଧ୍ୟ ସାଲାଡ୍ ବଞ୍ଚାଇଥାଏ।
- ଖାଇବାରେ ସାଲାଡ୍‌କୁ ସାମିଲ୍ କଲେ ପେଟ ଜଲ୍‌ଦି ଭରିଯାଏ। ଫଳରେ ଆମେ ଅଧିକ ଖାଇବାରୁ ବଞ୍ଚିତ ହେଉ। ଯାହାକି ମୋଟାପଣକୁ କମ୍ କରିବାରେ ସାହାଯ୍ୟ କରେ।
- ନିୟମିତ ସାଲାଡ୍ ଖାଇଲେ ଦାନ୍ତର ଏକପ୍ରକାର ବ୍ୟାୟାମ ହୋଇଯାଏ। ଫଳରେ ଦାନ୍ତ ଓ ମାଂସପେଶୀ ଶକ୍ତ ହୁଏ। ଏହା ମଧ୍ୟ କୋଲେଷ୍ଟ୍ରଲ୍‌କୁ କମ୍ କରିବା ସହ ହୃଦ୍‌ରୋଗ ଆଶଙ୍କାକୁ ଦୂର କରେ।
- ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଥଣ୍ଡା, କାଶ ଭଳି ସମସ୍ୟାକୁ ଦୂର କରିପାରେ। ଏଥିସହ କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର ହୁଏ।
- ନିୟମିତ ସାଲାଡ୍ ଖାଇଲେ ଏସିଡ୍ ମାତ୍ରା ନିୟନ୍ତ୍ରଣାଧିନ ରହିଥାଏ। ଫଳରେ ଏସିଟିଡି ସମସ୍ୟା ରହେନାହିଁ।



ଭଗବାନ ପ୍ରତ୍ୟେକ ମଣିଷଙ୍କୁ ଅଲଗା ଅଲଗା କରି ଗଢ଼ିଛନ୍ତି। ସମସ୍ତ ଶାରୀରିକ ଗଠନ ସହ ଦେହର ରଙ୍ଗ ବା ବର୍ଣ୍ଣରେ ବେଶ୍ ଫରକ୍ ଦେଖାଯାଏ। କାହାର ରଙ୍ଗ କଳା ତ କାହାର ଗୋରା ରଙ୍ଗ ହୋଇଥାଏ। ବ୍ୟକ୍ତିର ଶାରୀରିକ ଗଠନ ଓ ବର୍ଣ୍ଣକୁ ଆଧାର କରି ଆପଣ ମଧ୍ୟ ସେମାନଙ୍କ ଚରିତ୍ର ବା ବ୍ୟକ୍ତିତ୍ୱ ବିଷୟରେ ଅନେକ କଥା ଜାଣିପାରିବେ। ଏହି ବିଦ୍ୟାକୁ ସାମୁଦ୍ରିକ ଶାସ୍ତ୍ର ବା ଶରୀର ଲକ୍ଷଣ ବିଜ୍ଞାନ ବୋଲି କୁହାଯାଏ। ସାଧାରଣତଃ ତିନୋଟି ଯେପରିକି, ଗୋରା, ଶ୍ୟାମଳ ଓ କଳା ରଙ୍ଗର ଲୋକ ରହିଛନ୍ତି। ତାହେଲେ ବ୍ୟକ୍ତିର ରଙ୍ଗରୁ ତାଙ୍କର ବ୍ୟକ୍ତିତ୍ୱକୁ ଆଗ ପରଖି ନିଅନ୍ତୁ।

# ରଙ୍ଗରୁ ଜାଣନ୍ତୁ ବ୍ୟକ୍ତିତ୍ୱ



- ସମୁଦ୍ର ଶାସ୍ତ୍ର ଅନୁସାରେ, କଳା ରଙ୍ଗର ବ୍ୟକ୍ତି ସୁସ୍ଥ, ପରିଶ୍ରମୀ ହେବା ସହ କ୍ରୋଧି ମଧ୍ୟ ଅଟନ୍ତି। ଏମାନଙ୍କର ବୌଦ୍ଧିକ ବିକାଶ କମ୍ ହୋଇଥିବା ହେତୁ ଏହାର ପରିଣାମସ୍ୱରୂପ ସମାଜର ସବୁ ପରମ୍ପରା, ସଂସ୍କାର ଏବଂ ମର୍ଯ୍ୟାଦା ଠାରୁ ଦୂରେଇ ରୁହନ୍ତି। ହିଂସା, ଆକ୍ରମଣ ଭଳି ଅପରାଧିକ ପ୍ରବୃତ୍ତିକୁ ଆପଣେଇ ନିଅନ୍ତି।
- ଅତ୍ୟନ୍ତ କଳା ରଙ୍ଗ ଅର୍ଥାତ୍ ଯେଉଁ ସ୍ତ୍ରୀ ଲୋକଙ୍କର ଆଖି, ତ୍ୱଚା, କେଶ, ଓଠ, ତାଲୁ, ଜିଭ ଆଦି ଅଧିକ କଳା ହୋଇଥାଏ ସେମାନେ ନିମ୍ନ ବର୍ଗର ଅଟନ୍ତି। ଏମାନେ ସ୍ୱାମୀଭକ୍ତ ହେବା ସହ ସାହସୀ ମଧ୍ୟ। ବିଶ୍ୱସନୀୟ, ଉଚିତ୍ ମାର୍ଗ ଦେଖାଇ ତଥା ଭଲ ପାଇବାରେ ବଳିଦାନ ଦେବା ଭଳି ବ୍ୟକ୍ତିତ୍ୱ ଏମାନଙ୍କ ନିକଟରେ ରହିଛି।
- ସମୁଦ୍ର ଶାସ୍ତ୍ର ଅନୁସାରେ, ଗୋରା ରଙ୍ଗକୁ ଦୁଇଟି ପ୍ରକାରରେ ବିଭାଜନ କରାଯାଇପାରେ। ଗୋଟିଏ ଲାଲ୍ ରଙ୍ଗ ଓ ଧଳା ରଙ୍ଗର ମିଶ୍ରଣ ରହିଥାଏ, ଯାହାକୁ କି ଆମେ ଗୋଲାପୀ ରଙ୍ଗ ବୋଲି କହିଥାଉ। ଏଭଳି ବ୍ୟକ୍ତି ଭଲ ସ୍ୱଭାବର, ବୁଦ୍ଧିମାନ୍, ସାଧାରଣ ପରିଶ୍ରମୀ, ଅଧ୍ୟୟନ ଓ ଭ୍ରମଣ ପ୍ରିୟ। ସାଧାରଣତଃ ଏମାନେ ଦେଖିବାକୁ ସୁନ୍ଦର ତଥା ଆକର୍ଷକ ହୋଇଥିବାରୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତି।
- ଗୋରା ରଙ୍ଗର ଅନ୍ୟ ବିଭାଜନଟି ହେଉଛି, ଲାଲ୍ ଏବଂ ହଳଦିଆ ରଙ୍ଗର ମିଶ୍ରଣ। ଏହାକୁ ଆମେ ହଳଦୀ ବର୍ଣ୍ଣର ବୋଲି କହୁ। ଏହି ବର୍ଣ୍ଣର ବ୍ୟକ୍ତି ପରିଶ୍ରମୀ, ଧୈର୍ଯ୍ୟବାନ୍, ଗମ୍ଭୀର, ଭୋଗୀ ଏବଂ ଉତ୍ତମ ବ୍ୟବହାର ଯୁକ୍ତ ଅଟନ୍ତି। କିନ୍ତୁ ଶାରୀରିକ ଅସୁସ୍ଥତା ଯେପରିକି ରକ୍ତ ସମ୍ବନ୍ଧୀୟ ରୋଗରେ ଅଧିକାଂଶ ପୀଡ଼ିତ ହୁଅନ୍ତି।
- ବିଦ୍ୱାନ୍‌ମାନଙ୍କ ମତରେ, ଧଳା କିମ୍ବା ହଳଦୀ ରଙ୍ଗ ସହ ସଂଯୁକ୍ତ ଲାଲ୍ ରଙ୍ଗ ନଖ, ତାଲୁ, ଜିଭ, ଓଠ, ହାତ ପାପୁଲି କିମ୍ବା ପାଦତଳ ହୋଇଥିବା ସ୍ତ୍ରୀ ଧନ-ସମ୍ପତ୍ତି ଲାଭ କରିବା ସହ ଉଦାର ଏବଂ ସୌଭାଗ୍ୟବତୀ ହୋଇଥାନ୍ତି।
- ପୃଥିବୀରେ ସବୁଠୁ ଅଧିକ ଶ୍ୟାମଳ ବର୍ଣ୍ଣର ଲୋକ ଦେଖିବାକୁ ମିଳନ୍ତି। ଏପରି ଲୋକ ଅସ୍ଥିର, ପରିଶ୍ରମୀ, ସାମାନ୍ୟ ବୁଦ୍ଧିମାନ୍, ସାମାନ୍ୟ ଅଧ୍ୟୟନପ୍ରିୟ ଅଟନ୍ତି। ଏମାନେ ଉଚ୍ଚ ମଧ୍ୟମ ବର୍ଗର ହୋଇଥାନ୍ତି। ଏହି ବର୍ଣ୍ଣର ସ୍ତ୍ରୀମାନଙ୍କ କ୍ଷେତ୍ରରେ ଗୃହସ୍ଥୀର ସୁଖଦୁଃଖକୁ ସାମ୍ନା କରିବା, ସହନଶୀଳ, ଉଦାର, ଚଞ୍ଚଳ, ଭୋଗୀ ଏବଂ ବିଶ୍ୱସ୍ତ ହୋଇପାରନ୍ତି।

ସ୍ୱାସ୍ଥ୍ୟ

# ହୃଦ୍‌ଘାତର ପ୍ରତିକାର

ଆଜିକାଲି ଖାଦ୍ୟପେୟର ଅସନ୍ତୁଳନ ହିଁ ବିଭିନ୍ନ ସମସ୍ୟାର ମୁଖ୍ୟ କାରଣ। ଦିନଚର୍ଯ୍ୟାର ପରିବର୍ତ୍ତନରେ ହୃଦ୍‌ଘାତର ଆଶଙ୍କା ବଢ଼ିଯାଏ। ଯଦି ଆମେ ଖାଇବାରେ କୋଲେଷ୍ଟ୍ରଲ୍ କମ୍ କରୁଥିବା ଖାଦ୍ୟପଦାର୍ଥକୁ ସାମିଲ୍ କରିବା ତେବେ ଏଭଳି ଅସୁବିଧାରୁ ନିଜକୁ ରକ୍ଷା କରିପାରିବା।



- ନିୟମିତ ଖାଦ୍ୟରେ ଟମାଟୋ ସାମିଲ୍ କରନ୍ତୁ। ଏଥିରେ ଥିବା ଲାଇକୋପିନ୍, ବିଟା-କ୍ୟାରୋଟିନ୍, ଫୋଲେଟ୍, ପୋଟାସିୟମ୍ ଏବଂ ଭିଟାମିନ୍-ସି କୋଲେଷ୍ଟ୍ରଲ୍‌କୁ କମ୍ କରିପାରେ। ଏହାଦ୍ୱାରା ହୃଦ୍‌ରୋଗ ସମସ୍ୟା ଦେଖାଦିଏ ନାହିଁ।
- ଦହି ଖାଇବା ଉଚିତ୍। ଏହା ଶରୀରରେ କୋଲେଷ୍ଟ୍ରଲ୍‌କୁ କମ୍ କରିବାରେ ସାହାଯ୍ୟ କରେ। ରାତିରେ ୪-୫ ଚାମଚ ବିରି ଡ଼ାଲି ଭିଜାଇ ରଖନ୍ତୁ। ସକାଳୁ ଏହାକୁ ବାଟି କ୍ଷୀର ସହ ମିଶାଇ ପିଅନ୍ତୁ। ଚାହିଁଲେ ଚିନି ପକାଇ ପିଇପାରିବେ।
- ଲାଉକୁ ଫୁଟାଇ ଏଥିରେ ଜିରା, ହଳଦୀ ଏବଂ ଧନିଆପତ୍ର ମିଶାଇ ଖାଆନ୍ତୁ। ଏପରି ସପ୍ତାହରେ ୩-୪ ଥର ଖାଇଲେ କୋଲେଷ୍ଟ୍ରଲ୍ କମ୍ ହେବା ସହ ହୃଦ୍‌ରୋଗ ଆଶଙ୍କା ଦୂର ହୁଏ।
- ଲେମ୍ବୁରେ ପର୍ଯ୍ୟାପ୍ତ ମାତ୍ରାରେ ଆଣ୍ଟି-ଅକ୍ସିଡେଣ୍ଟ୍‌ସ୍ ରହିଛି। ଏହା ଶରୀରରୁ ଖରାପ କୋଲେଷ୍ଟ୍ରଲ୍‌କୁ ବାହାର କରିବାରେ ସାହାଯ୍ୟ କରେ। ଯାହାକି ହୃଦ୍‌ଘାତକୁ ରୋକିଥାଏ।
- ନିୟମିତ ଖାଦ୍ୟ ଖାଇସାରିବା ପରେ ସାମାନ୍ୟ ଘିଅ ଏବଂ ଗୁଡ଼ ଖାଆନ୍ତୁ। ଏଥିରେ ରକ୍ତ ସଞ୍ଚାଳନ ସହଜ ହେବା ସହ ହୃଦ୍‌ରୋଗ ହୁଏନାହିଁ। ସପ୍ତାହରେ ଅନ୍ତତଃ ଦୁଇ କିମ୍ବା ତିନି ଥର ଗାଜର ଜୁସ୍‌ରେ ମହୁ ମିଶାଇ ପିଇବା ଉଚିତ୍। ଏହା ହୃଦ୍‌ରୋଗୀମାନଙ୍କ ଉପକାରୀ ଅଟେ।
- ପ୍ରତିଦିନ ସକାଳୁ ଖାଲି ପେଟରେ ୨/୩ କୋଳା ରସୁଣ ପାଣି ସହ ଖାଆନ୍ତୁ। ଏଥିରେ ଥିବା ଆଣ୍ଟି-ଅକ୍ସିଡେଣ୍ଟ୍‌ସ୍ କୋଲେଷ୍ଟ୍ରଲ୍‌କୁ କମ୍ କରିବା ସହ ହୃଦ୍‌ଘାତକୁ ଦୂରେଇପାରେ।
- ୩ଟି ବାଦାମ ଏବଂ ୪ଟି ଅଳେଇଚକୁ ଗୁଣ୍ଡ କରି ଏଥିରେ ସାମାନ୍ୟ ତୁଳସୀ ପତ୍ର ଗୁଣ୍ଡ ମିଶାଇ ନିୟମିତ ପାଣି ସହ ପିଅନ୍ତୁ। ଏକ ଗ୍ଲାସ୍ କ୍ଷୀର ସହ ବଟା ହୋଇଥିବା ଅଁଳା ମିଶାଇ ପିଅନ୍ତୁ। ଏହା କୋଲେଷ୍ଟ୍ରଲ୍‌ର ମାତ୍ରାକୁ କମ୍ କରିବା ସହ ହୃଦ୍‌ରୋଗ ଆଶଙ୍କାକୁ ଦୂର କରେ।

ଜଳବାୟୁ ପରିବର୍ତ୍ତନକୁ ନେଇ ଜାତିସଂଘ ରିପୋର୍ଟ

# ଭାରତରେ ହିଟୱେଭ, କମ ଅମଳ ଓ ବନ୍ୟା ସ୍ଥିତି

ଜଳବାୟୁ ପରିବର୍ତ୍ତନ କେମିତି ବିଶ୍ୱ ଉପରେ ପ୍ରଭାବ ପକାଉଛି, ତା'ର ରିପୋର୍ଟ ଜାତିସଂଘ ପକ୍ଷରୁ ପ୍ରକାଶ କରାଇଛି। ବିଶ୍ୱ ପାଣିପାଗ ସଂଗଠନ ୨୦୨୨ ବର୍ଷ ପାଇଁ ପ୍ରସ୍ତୁତ କରିଥିବା ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ର କେମିତି ପ୍ରଭାବିତ ହୋଇଛନ୍ତି, ତା'ର ଚିତ୍ର ଉପସ୍ଥାନପ କରିଛି।

ରିପୋର୍ଟରେ ଦର୍ଶାଯାଇଛି ଯେ ଉତ୍ତାପ ସୃଷ୍ଟି କରୁଥିବା ଗ୍ରୀନ୍ ହାଉସ୍ ଗ୍ୟାସର ରେକର୍ଡ ସ୍ତର ସମଗ୍ର ବିଶ୍ୱରେ ମରୁଡ଼ି, ବନ୍ୟା ଓ ଗ୍ରୀଷ୍ମ ପ୍ରବାହ ବା ହିଟ୍ ?ୱେଭ ସ୍ଥିତିକୁ ବୃଦ୍ଧି କରିଛି। ୨୦୨୨ ବର୍ଷରେ ହିଟୱେଭ ଯୋଗୁ ୟୁରୋପରେ ପ୍ରାୟ ୧୫,୭୦୦ ଲୋକଙ୍କ ମୃତ୍ୟୁ ଘଟିଛି।

ମିଳିତ ଜାତିସଂଘର ଏଜେନ୍ସି WMO ଏହାର ରିପୋର୍ଟରେ କହିଛି ଯେ ନିର୍ଦ୍ଦିଷ୍ଟ ସ୍ଥାନରୁ ମିଳିଥିବା ରିଅଲ୍ ଟାଇମ୍ ଡାଟାରୁ ଜଣାପଡ଼ିଛି ଯେ ତିନୋଟି ଗ୍ରୀନ୍ ହାଉସ୍ ଗ୍ୟାସ୍- କାର୍ବନ ଡାଇଅକ୍ସାଇଡ୍, ମିଥେନ ଓ ନାଇଟ୍ରସ୍ ଅକ୍ସାଇଡସ୍ତରର ବୃଦ୍ଧି ୨୦୨୨ରେ ଅଧିକ ଦେଖିବାକୁ ମିଳିଥିଲା।

ଜଳବାୟୁ ପରିବର୍ତ୍ତନ ଯୋଗୁ ମରୁଡ଼ି, ବନ୍ୟା ଓ ହିଟୱେଭ ଭାରତ ସମେତ ସବୁ ମହାଦେଶରେ ରହୁଥିବା ଲୋକଙ୍କୁ ପ୍ରଭାବିତ କରିଛି। ଏଥିରୁ ମୁକୁଳିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଇଛି। ଆଣ୍ଟାର୍କଟିକ୍ ସମୁଦ୍ରରେ ଥିବା ବରଫ ରେକର୍ଡ ସର୍ବନିମ୍ନ ସ୍ତରକୁ ଖସିଛି। କେତେକ ୟୁରୋପୀୟ ଗ୍ଲେସିୟର ତରଳିବା ମଧ୍ୟ ଆରମ୍ଭ ହୋଇଛି। ଗତ ୮ ବର୍ଷ ମଧ୍ୟରେ ବିଶ୍ୱର ହାରାହାରି ତାପମାତ୍ରା ସବୁଠାରୁ ଅଧିକ ରହିଛି। ୨୦୨୨ରେ ଏହା ସ୍ୱାଭାବିକ ଠାରୁ ୧.୧୫ ଡିଗ୍ରୀ ଅଧିକ ରହିଥିଲା।

ଡଗଡ଼ ସେକ୍ରେଟେରୀ ଜେନେରାଲ ପେଟେରୀ ତାଲାସ ଗୋଟିଏ ବିବୃତିରେ କହିଛନ୍ତି ଯେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ



ବଢ଼ିବାରେ ଲାଗିଛି ଓ ଜଳବାୟୁ ପରିବର୍ତ୍ତନ ଜାରି ରହିଥିବାରୁ ବିଶ୍ୱର ଲୋକମାନେ ପାଣିପାଗର ଭୟଙ୍କର ରୂପରେ ପ୍ରଭାବିତ ହେଉଛନ୍ତି। ୨୦୨୨ରେ ପୂର୍ବ ଆଫ୍ରିକାରେ ଲଗାତାର ମରୁଡ଼ି, ପାକିସ୍ତାନରେ ରେକର୍ଡ ଭାଙ୍ଗିଥିବା ବର୍ଷା ଓ ଚାଇନା ଏବଂ ୟୁରୋପରେ ରେକର୍ଡ ଭାଙ୍ଗିଥିବା ଗ୍ରୀଷ୍ମ ପ୍ରବାହ ଏହାର ଉଦାହରଣ। ଏହାଦ୍ୱାରା ଖାଦ୍ୟ ନିରାପତ୍ତା ବଢ଼ିଛି, ବହୁ ଲୋକ ପଳାୟନ କରିଛନ୍ତି ଓ କ୍ଷୟକ୍ଷତି ଯୋଗୁ କୋଟି କୋଟି ଟଙ୍କା ନଷ୍ଟ ହୋଇଛି ବୋଲି ସେ କହିଛନ୍ତି।

ଭାରତରେ ମୌସୁମୀର ଆଗମନ ଆଗୁଆ ହୋଇଥିଲା ଓ ପ୍ରତ୍ୟାବର୍ତ୍ତନ ବିଳମ୍ବ ହୋଇଥିଲା। ଭାରତ ଓ ପଡ଼ୋଶୀ ପାକିସ୍ତାନରେ ମୌସୁମୀ ପୂର୍ବରୁ ପ୍ରବଳ ଗରମ ଅନୁଭବ ହେଉଥିଲା। ଅତ୍ୟଧିକ ଉତ୍ତାପ ଶସ୍ୟ ଅମଳର ପରିମାଣକୁ ହ୍ରାସ କରିଛି। ଅନେକ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟାଇଥିଲା। ବିଶେଷ କରି ପାହାଡ଼ ରାଜ୍ୟ ଉତ୍ତରାଖଣ୍ଡ ଅନେକ ଜଙ୍ଗଲରେ ନିଆଁ ଲାଗିଥିଲା।

WMO ରିପୋର୍ଟରେ କୁହାଯାଇଛି ଯେ ୨୦୨୨ରେ ଭାରତ ଓ ପାକିସ୍ତାନରେ ମୌସୁମୀ ପୂର୍ବରୁ ଦେଖାଯାଇଥିବା ହିଟୱେଭ୍ ଯୋଗୁ ଫସଲ ଅମଳରେ କମ ହୋଇଥିଲା। ଏଥିପାଇଁ ଗହମ ରପ୍ତାନୀ ଉପରେ ରୋକ ଲାଗିଥିଲା। ୟୁକ୍ରେନରେ ଯୁଦ୍ଧ ଆରମ୍ଭ ହେବା ପରେ ଭାରତର ଚାଉଳ ରପ୍ତାନୀ ଉପରେ ମଧ୍ୟ ରୋକ ଲାଗିଥିଲା। ଫଳରେ ଅନ୍ତର୍ଜାତୀୟ ଖାଦ୍ୟ ବଜାରରେ ଖାଦ୍ୟ ଉପଲବ୍ଧତା ବିପଦରେ ପଡ଼ିଥିଲା।

ଭାରତରେ ମୌସୁମୀ ବେଳେ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶେଷ କରି ୨୦୨୨ ଜୁନରେ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକରେ ବନ୍ୟା ଓ ଭୂସ୍ଖଳନ ଯୋଗୁ ୭୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ସେହିପରି ବଜ୍ରପାତ ଯୋଗୁ ମଧ୍ୟ ୯୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି।

ଚାଇନାରେ ଗ୍ରୀଷ୍ମ ପ୍ରବାହ ରେକର୍ଡ କରିବା ସହ ଦୀର୍ଘ ସମୟ ଧରି ଗରମ ଅନୁଭୂତ ହୋଇଥିଲା। ଜୁନ ମଧ୍ୟଭାଗରୁ ଅଗଷ୍ଟ ଶେଷ ଯାଏ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳିଥିଲା। ୟୁରୋପ ମଧ୍ୟ ଅନେକ ଉତ୍ତାପର ସମ୍ମୁଖୀନ ହୋଇଥିଲା। ପ୍ରବଳ ଗରମ ଯୋଗୁ ସ୍ପେନରେ ପ୍ରାୟ ୪,୬୦୦, ଜର୍ମାନୀରେ ୪,୫୦୦, ବ୍ରିଟେନରେ ୨,୮୦୦ ଓ ପର୍ତ୍ତୁଗାଲରେ ପ୍ରାୟ ୧୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।

# କ୍ଷମତାକୁ ଆସିଲେ ଜିଏସ୍‌ଟି ଢାଞ୍ଚା ବଦଳାଇବ କଂଗ୍ରେସ

କର୍ଣ୍ଣାଟକା ବିଧାନସଭା ନିର୍ବାଚନ ପାଇଁ ଜୋରଦାର ପ୍ରଚାର କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାର ଚାଷୀଙ୍କ କଷ୍ଟ ପ୍ରତି ଆଖି ବୁଜି ଦେଇଛନ୍ତି। ଏବେ କେବଳ ଜଣେ/ଦୁଇ ଜଣ ଶିଳ୍ପପତିଙ୍କ ଉପରେ ଫୋକସ କରାଯାଉଛି। କିନ୍ତୁ ଏହାକୁ ବଦଳାଇ ଚାଷୀଙ୍କ ଫାଇଦା ପାଇଁ କାମ କରିବାକୁ ପଡ଼ିବ ବୋଲି ରାହୁଲ ଗାନ୍ଧି କହିଛନ୍ତି।

ସେ କହିଛନ୍ତି, "ଏବେ ଆଦାନି ଓ ଅମ୍ବାନିଙ୍କ ଉପରେ ହଜାର ହଜାର କୋଟି ଟଙ୍କାର ଋଣ ରହିଛି। ସେମାନେ ବ୍ୟାଙ୍କ ଯିବା ମାତ୍ରେ ସେମାନଙ୍କୁ ସହଜରେ ଋଣ ମିଳି ଯାଉଛି। ସେମାନଙ୍କ ଋଣ ଟଙ୍କାକୁ ମଧ୍ୟ ଛାଡ଼ି କରାଯାଉଛି। କିନ୍ତୁ ଗରିବ ଚାଷୀଙ୍କ କଥା କେହି ବୁଝୁ ନାହାନ୍ତି। ତେଣୁ ମୁଁ କହିବାକୁ ଚାହୁଁଛି ଯେ ଉଭୟ କ୍ଷେତ୍ରରେ ସମାନ ନିୟମ ଲାଗୁ ହେବା ଦରକାର। ଯଦି ଆପଣ ବଡ଼ବଡ଼ ଶିଳ୍ପପତିଙ୍କ ଋଣ ଛାଡ଼ କରୁଛନ୍ତି, ତା'ହେଲେ ଚାଷୀଙ୍କ ଋଣ



ମଧ୍ୟ ମାଫ କରନ୍ତୁ।"

ବେଳାଗାଭିର ରାମଦୁର୍ଗ ଅଞ୍ଚଳରେ ଆଖୁ ଚାଷୀଙ୍କୁ ସମ୍ବୋଧନ କରି ରାହୁଲ ଗାନ୍ଧି କହିଛନ୍ତି ଯେ ଯଦି କଂଗ୍ରେସ ରାଜ୍ୟରେ କ୍ଷମତାକୁ ଆସିବ, ତା'ହେଲେ ଚାଷୀଙ୍କୁ ଫାଇଦା ଦେବା ଭଳି ପଦକ୍ଷେପ ନେବ। ସେ କହିଛନ୍ତି, "ଏହା ସତ ଯେ ଆପଣମାନେ ଉପଯୁକ୍ତ ଟଙ୍କା ପାଉ ନାହାନ୍ତି। ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଛି।

ଗ୍ୟାସ ସିଲିଣ୍ଡର ଓ ତେଲ ରେଟ ବଢ଼ିବାରେ ଲାଗିଛି। ଆପଣମାନେ ଖୁବ କମ ଟଙ୍କା ପକେଟରେ ରଖୁଛନ୍ତି। ଗୋଟିଏ ଚାକିରିରେ ଚାଷୀ ଉପକୃତ ହେଉ ନାହାନ୍ତି। ଆମକୁ ସେମାନଙ୍କ ଅମଳର ଦାମ ବଢ଼ାଇବା ସହ ମାର୍କେଟିଂ ବ୍ୟବସ୍ଥାକୁ ମଧ୍ୟ ବ୍ୟବସ୍ଥିତ କରିବାକୁ ପଡ଼ିବ।"

କେନ୍ଦ୍ର ସରକାର କିଛି ଲୋକଙ୍କୁ ଫାଇଦା ଦେବା ପାଇଁ ଜିଏସଟି ଲାଗୁ କରିଥିବା ରାହୁଲ ଗାନ୍ଧି ଦାବି କରିଛନ୍ତି। ସେ କହିଛନ୍ତି, "ପ୍ରଭାବଶାଳୀ ଲୋକଙ୍କୁ ଫାଇଦା ଦେବା ପାଇଁ ଜିଏସଟି ଲାଗୁ କରାଯାଇଛି। ଏହା ଏତେ ଜଟିଳ ଯେ ଏହାକୁ ଅନେକ ଆଦୌ ବୁଝିପାରୁ ନାହାନ୍ତି। ଛୋଟ ଛୋଟ ବ୍ୟବସାୟ ବନ୍ଦ ହୋଇଯାଇଛି। ଦିଲ୍ଲୀରେ କ୍ଷମତାକୁ ଆସିଲେ ଆମେ ଜିଏସଟି ଢାଞ୍ଚାରେ ପରିବର୍ତ୍ତନ କରିବୁ। ଗୋଟିଏ ଟିକସ ବ୍ୟବସ୍ଥା ରହିବ ଓ ଏହା ସମସ୍ତଙ୍କ ପାଇଁ ପ୍ରଜ୍ୟୁଯ ହେବ।"

ରାହୁଲ ଆହୁରି କହିଛନ୍ତି, "ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। କିନ୍ତୁ ଏଠାରେ ତେଲ ଦାମ ବୃଦ୍ଧି ପାଇଛି। ଦୁଇରୁ ୩ ଜଣ ଶିଳ୍ପପତିଙ୍କୁ ସହଯୋଗର ହାତ ବଢ଼ା ଯାଉଛି। ୟୁପିଏ ସବୁବେଳେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ଆସିଛି। ଆମେ ଗରିବଙ୍କ ପାଇଁ ମନେରଗା ଆଣିଥିଲୁ ଓ ସେମାଦଙ୍କ ଋଣ ମାଫ କରିଥିଲୁ। ଆମେ ସବୁବେଳେ ଚାଷୀ ଓ ଗରିବଙ୍କ ପାଇଁ କାମ କରିଛୁ।"

# ଖୋଲିଲା କେଦାରନାଥ ପୀଠ, ହେଲେ ରେଜିଷ୍ଟ୍ରେଶନ ବନ୍ଦ

ଭକ୍ତଙ୍କ ପାଇଁ ଖୋଲିଛି ପ୍ରସିଦ୍ଧ କେଦାରନାଥ ପୀଠ । ମନ୍ତ୍ର ପାଠ ତଥା ଶ୍ଳୋକ ଉଚ୍ଚାରଣ ମଧ୍ୟରେ ଖୋଲିଛି ବାବା କେଦାରନାଥଙ୍କ ପୀଠ । ହର ହର ମହାଦେବ ଧ୍ୱନୀରେ କମ୍ପି ଉଠିଲା ଚତୁଃର୍ଦ୍ଦିଗ । ଏଥିନିମନ୍ତେ କେଦାରନାଥ ଧାମରେ ବିଶେଷ ପୂଜାର୍ଚ୍ଚନାର ଆୟୋଜନ କରାଯାଇଥିଲା। ଆଜି ପ୍ରଥମ ଦିନରେ ଭଗବାନ ଶିବଙ୍କ ଏହି ପୀଠକୁ ୨୦ କୁଇଣ୍ଟାଲ ଫୁଲରେ ସୁସଜ୍ଜିତ କରାଯାଇଛି। କେଦାରନାଥ ପୀଠ ଆଜିଠୁ ଖୋଲିଥିଲେ ବି ଖରାପ ପାଣିପାଗ ହେତୁ ଏବେ ଭକ୍ତଙ୍କ ନିମନ୍ତେ ରେଜିଷ୍ଟ୍ରେଶନକୁ ବନ୍ଦ କରି ଦିଆଯାଇଛି।

କେଦାରନାଥ ଧାମର ମୁଖ୍ୟ ପୂଜାରୀ ଜଗଦଗୁରୁ ରାୱଲ ଭୀମ ଶଙ୍କର ଆଜି କେଦାରନାଥ ଧାମର ଦ୍ୱାର ସର୍ବ ସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ କରିଥିଲେ। ଉକ୍ତ ସମୟରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଧାମୀ ସେଠାରେ ଉପସ୍ଥିତ ରହି ପ୍ରଭୁଙ୍କ ଦର୍ଶନ କରିଥିଲେ।

ତେବେ ଉତ୍ତରାଖଣ୍ଡରେ ପ୍ରବଳ ତୁଷାରପାତ ହେଉଥିବାରୁ ବାବା କେଦାରନାଥଙ୍କ ଦର୍ଶନ ରେଜିଷ୍ଟ୍ରେଶନକୁ ବନ୍ଦ କରି ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ହୋଇଥିବା ପୂର୍ବାନୁମାନ ଅନୁଯାୟୀ, ଆଗାମୀ କିଛି ସପ୍ତାହ ପାଇଁ କେଦାରନାଥର ପାଣିପାଗ ଖରାପ ରହିବ । ରାସ୍ତାରେ ୩ରୁ ୪ ଫୁଟ ପର୍ଯ୍ୟନ୍ତ ବରଫ ଜମି ରହିବ । ପାଣିପାଗ ବିଭାଗରୁ ଦିଆଯାଇଥିବା ଆଲର୍ଟ ପରେ କେଦାରନାଥ ଧାମକୁ ଯିବା ନିମନ୍ତେ ରେଜିଷ୍ଟ୍ରେଶନକୁ ବନ୍ଦ କରି ଦିଆଯାଇଛି ।

ଶ୍ରଦ୍ଧାଳୁଙ୍କ ପ୍ରଥମ ଗ୍ରୁପ୍ ଚାରି ଧାମ ଯାତ୍ରା ନିମନ୍ତେ ଶନିବାରଠୁ ବାହାରି ଯାଇଛି। ହେଲେ କେଦାରନାଥ ଧାମ ଦର୍ଶନ ନିମନ୍ତେ ଏବେ ବାରଣ କରାଯାଇଥିବାରୁ ଭକ୍ତମାନେ ନିରାଶ ହୋଇ ପଡ଼ିଛନ୍ତି।

କେଦାରନାଥ ଦର୍ଶନ କରିବାକୁ ପ୍ରତି ବର୍ଷ ସମଗ୍ର ଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ଏହି ଶ୍ରଦ୍ଧାଳୁଙ୍କ ନିମନ୍ତେ ଉତ୍ତରାଖଣ୍ଡ ରାଜ୍ୟ ସରକାରଙ୍କ ପକ୍ଷରୁ ରାସ୍ତାର ବିଭିନ୍ନ ସ୍ଥାନରେ ମେଡିକାଲ ରିଲିଫ ପୋଷ୍ଟ ତିଆରି କରାଯାଇଛି। ଏହି ପୋଷ୍ଟରେ ୧୩୦ ଡାକ୍ତର ନିୟୋଜିତ ହୋଇଛନ୍ତି। କେଦାରନାଥ ଯାତ୍ରା ବେଳେ ହଠାତ୍ ଅସୁସ୍ଥ ହୋଇ ପଡୁଥିବା ଶ୍ରଦ୍ଧାଳୁଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା ନିମନ୍ତେ ଡାକ୍ତରଙ୍କ ସମେତ ପାରା ମେଡିକାଲ ଷ୍ଟାଫ, ଅକ୍ସିଜେନ ସିଲିଣ୍ଡର ଓ ଆବଶ୍ୟକ ଔଷଧ ମହଜୁଦ ରଖାଯାଇଛି। ଏହି ଅବସରରେ ଯାତ୍ରୀଙ୍କ ନିମନ୍ତେ ହେଲଥ୍ ଏଟିଏମ୍ ବି ଲଗା ଯାଇଛି।

# ପୂଜାପାଠ କରିବାକୁ ମହିଳା କର୍ମଚାରୀ ପାଇବେ ଛୁଟି

ଏଣିକି ମହିଳା କର୍ମଚାରୀଙ୍କୁ ପୂଜାପାଠ କରିବା ନିମନ୍ତେ ମିଳିବ ସମୟ। ୮ ଘଣ୍ଟାର ଅଫିସ୍ ଟାଇମ୍‌ରୁ ୨ ଘଣ୍ଟା ସେମାନେ କରି ପାରିବେ ଠାକୁରଙ୍କ ପୂଜା। ଏଥିନିମନ୍ତେ ମାସର ୩ଟି ଶୁକ୍ରବାର ମିଳିବ ୨ ଘଣ୍ଟାର ସ୍ପେଶାଲ ଛୁଟି। ଶୁକ୍ରବାର ସକାଳ ୮ଟା ୪୫ରୁ ୧୦ଟା ୪୫ ମିନିଟ୍ ପର୍ଯ୍ୟନ୍ତ ସେମାନେ ନିଜ ଘରେ ପୂଜା କରି ଅଫିସ ଯାଇପାରିବେ। ଏପରି ଏକ ଘୋଷଣା କରିଛନ୍ତି ପୁଡୁଚେରୀ ସରକାର।



ସରକାରଙ୍କ ତରଫରୁ ପ୍ରକାଶିତ ବିଜ୍ଞପ୍ତିରେ ଏ ନେଇ ସବିଶେଷ ସୂଚନା ଦିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ, କେବଳ ମହିଳା କର୍ମଚାରୀ ଥିବା କାର୍ଯ୍ୟାଳୟ ପାଇଁ ଏହି ନିୟମ ଲାଗୁ ହେବ। ହେଲେ କାମ ଯେପରି ପ୍ରଭାବିତ ନ ହେବ ସେଥିନିମନ୍ତେ ପାଳି କରି ସମସ୍ତ ମହିଳା କର୍ମଚାରୀଙ୍କୁ ଏହି ଛୁଟି ଦିଆଯିବ। ସେହିପରି ହସ୍ପିଟାଲ, ଥାନା ଓ ଶିକ୍ଷାନୁଷ୍ଠାନ ଆଦି କ୍ଷେତ୍ରରେ ନିୟୋଜିତ ମହିଳାଙ୍କୁ ଏଥିରୁ ବାଦ୍ ଦିଆଯାଇଛି।

ସରକାରଙ୍କ ଏହି ପଦକ୍ଷେପକୁ ବିରୋଧୀ ଡିଏମ୍‌କେ ତୀବ୍ର ସମାଲୋଚନା କରିଛି। ପୁଡୁଚେରୀ ଲୋକଙ୍କ ଉପରେ ରାଜ୍ୟ ସରକାର ଆରଏସ୍‌ଏସ୍ ବିଚାରଧାରା ଲଦି ଦେଉଥିବା ଡିଏମ୍‌କେ ଅଭିଯୋଗ କରିଛି। ବିରୋଧୀଙ୍କ ପକ୍ଷରୁ କୁହାଯାଇଛି, ସରକାରଙ୍କ ଏପରି ନିୟମ ଯୋଗୁ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସ୍ଥିତି ଦୁର୍ବଳ ହେବ। ସେମାନେ ନିଜ କାମ ଅପେକ୍ଷା ଘର ତଥା ପୂଜାପାଠ ନିମନ୍ତେ ଅଧିକ ଆଗ୍ରହ ପ୍ରକାଶ କରିବେ। ଫଳରେ ସେମାନଙ୍କ କାମ ପ୍ରଭାବିତ ହେବ ଓ ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ। ସରକାର ମହିଳାଙ୍କୁ ସଶକ୍ତ କରିବା ପରିବର୍ତ୍ତେ ଏପରି ଯୋଜନା ଲାଗୁ କରି ସେମାନଙ୍କ କାର୍ଯ୍ୟ ଦକ୍ଷତାକୁ ହ୍ରାସ କରୁଛନ୍ତି।

# ରାହୁଲଙ୍କ ଆବେଦନର ଶୁଣାଣିରୁ ଓହରିଗଲେ ବିଚାରପତି

ଅପରାଧିକ ମାନହାନୀ କେସରେ ଦୋଷୀ ସାବ୍ୟସ୍ତ ହୋଇ ଲୋକସଭା ସଦସ୍ୟ ପଦ ହରାଇଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ନେଇ ବଡ଼ ଖବର ଆସିଛି। ଗୁଜରାଟର ତଳ କୋର୍ଟ ରାହୁଲଙ୍କ ବିରୋଧରେ ଦେଇଥିବା ରାୟକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହେଲେ ତାଙ୍କ ଆବେଦନର ଶୁଣାଣି କରିବାକୁ ଥିବା ବିଚାରପତି ଏବେ ନିଜ ଆଡୁ ଏହି ମାମଲାରୁ ଓହରି ଯାଇଛନ୍ତି।

ରାହୁଲ ଗାନ୍ଧି ଗୁଜରାଟ ହାଇକୋର୍ଟରେ ଆବେଦନ କରିବା ପରେ ଜଷ୍ଟିସ ଗୋପୀଙ୍କ ଖଣ୍ଡପୀଠରେ ଶୁଣାଣି ପାଇଁ ଏହାକୁ ଧାର୍ଯ୍ୟ କରାଯାଇଥିଲା। ହେଲେ ସେ କୋର୍ଟ ରେଜିଷ୍ଟ୍ରୀକୁ ନିର୍ଦ୍ଦେଶ ଦେଇ ମୁଖ୍ୟ ବିଚାରପତିଙ୍କ ନିକଟରେ ଆବେଦନ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ମୁଖ୍ୟ ବିଚାରପତି ଆଉ କେଉଁ ଖଣ୍ଡପୀଠରେ ଆବେଦନର ଶୁଣାଣି ପାଇଁ ଏହାକୁ ତାଲିକା ଭୁକ୍ତ କରିପାରିବେ। ଜଷ୍ଟିସ ଗୋପୀ ଏହାର ଶୁଣାଣି କରିବାକୁ ଚାହୁଁ ନଥିବା କହିଛନ୍ତି। ହେଲେ ଏହା ପଛର କାରଣ ସମ୍ପର୍କରେ ସେ କିଛି ବି କହି ନାହାନ୍ତି।

ହିଁ ରାହୁଲ ଗାନ୍ଧି ତଳ କୋର୍ଟ ମୋଦି ସରନେମ ପ୍ରସଙ୍ଗରେ ଦେଇଥିବା ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତଳ କୋର୍ଟ ରାହୁଲ ଗାନ୍ଧିଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାରୁ ତାଙ୍କ ସାଂସଦ ପଦ ରଦ୍ଦ ହୋଇଛି। ସେହିପରି ସେ ତାଙ୍କ ସରକାରୀ ବଙ୍ଗଳା ମଧ୍ୟ ଖାଲି କରି ଦେଇଛନ୍ତି। ହେଲେ ଏବେ ସେ ତଳ କୋର୍ଟଙ୍କ ରାୟ ଉପରେ ରୋକ ଲଗାଇବା ପାଇଁ ଗୁଜରାଟ ହାଇକୋର୍ଟରେ ଆବେଦନ କରିଛନ୍ତି। ଯଦି କୋର୍ଟ ତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବେ, ତା'ହେଲେ ସେ ସାଂସଦ ପଦ ଫେରିପାଇବାକୁ ସକ୍ଷମ ହେବେ। ୨୦୧୯ ଲୋକସଭା ନିର୍ବାଚନ ବେଳେ ରାହୁଲ ଗାନ୍ଧି କହିଥିଲେ ଯେ "କେମିତି ସମସ୍ତ ଚୋରଙ୍କ ସରନେମ ମୋଦି ?"

ବାସ୍ ଏହି ବୟାନକୁ ନେଇ ବିଜେପି ଆଟାକିଂ ମୋଡକୁ ଆସିଥିଲା। ରାହୁଲ ଗାନ୍ଧି ଓବିସମାନଙ୍କୁ ଅପମାନିତ କରିଥିବା ଦଳ ଅଭିଯୋଗ କରିଥିଲା। ଏଥିସହ ଗୁଜରାଟ ବିଜେପି ନେତା ପୁର୍ଣ୍ଣେଶ ମୋଦି କୋର୍ଟଙ୍କ ଦ୍ୱାରସ୍ଥ ହୋଇ ରାହୁଲ ଗାନ୍ଧିଙ୍କ ନାଁରେ ଅପରାଧିକ ମାନହାନୀ କେସ୍ କରିଥିଲେ। ମାଜିଷ୍ଟ୍ରେଟ କୋର୍ଟ ଏହାର ଶୁଣାଣି କରି ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ସେ ଏହାକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ ଇଚ୍ଛା ପ୍ରକାଶ କରିବାରୁ ତାଙ୍କୁ ଜାମିନ ମିଳିଥିଲା।

# ପ୍ରଥମଥର ଚନ୍ଦ୍ର ମିଶନରେ ଯିବେ ଜଣେ ମହିଳା

ନାସାରେ ମିଶନ ଚନ୍ଦ୍ରରେ ସାମିଲ ହୋଇଛନ୍ତି ଜଣେ ମହିଳା। ପ୍ରଥମଥର ଜଣେ ମହିଳା ଚନ୍ଦ୍ରକୁ ଯିବେ। ସୋମବାର ନାସା ଉକ୍ତ ମହିଳାଙ୍କ ନାଁ ଘୋଷଣା କରିଛନ୍ତି। ପ୍ରଥମ ମହିଳା ଭାବେ ଚନ୍ଦ୍ରକୁ ଯିବେ ଖ୍ରୀଷ୍ଟିନା କୋଚ୍। ନାସାର ଆଗାମୀ ଚନ୍ଦ୍ର ମିଶନ୍ ପାଇଁ ତାଙ୍କ ନାଁକୁ ଘୋଷଣା କରାଯାଇଛି।

ନାସା ପକ୍ଷରୁ ଆର୍ଟେମିସ୍-୨ ମିଶନ ଚନ୍ଦ୍ର ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଏହି ମିଶନରେ ସାମିଲ ହେବାକୁ ଥିବା ୪ ମହାକାଶଚାରୀଙ୍କ ନାଁ ଘୋଷଣା କରାଯାଇଛି। ୪ ଜଣଙ୍କ ମଧ୍ୟରେ ୩ ଜଣ ପୁରୁଷ ଓ ଖ୍ରୀଷ୍ଟିନା ରହିଛନ୍ତି।

ଗତ ୫୦ ବର୍ଷ ଭିତରେ କୌଣସି ମହିଳା ପ୍ରଥମଥର ପାଇଁ ଚନ୍ଦ୍ରକୁ ଯାଉଛନ୍ତି। ଖ୍ରୀଷ୍ଟିନା ହେଉଛନ୍ତି



ଜଣେ ଇଞ୍ଜିନିୟର। ତାଙ୍କ ନାଁରେ ପୂର୍ବରୁ ଅନେକ ରେକର୍ଡ ରହିଛି। ସବୁଠୁ ଅଧିକ ବାଟ ନିୟମିତ ସ୍ପେଶ୍ ଫ୍ଲାଇଟ୍ ଚଳାଇବାରେ ସେ ପ୍ରଥମ ମହିଳା। ନାସା ପକ୍ଷରୁ କରାଯାଇଥିବା ସ୍ପେଶୱାଲ୍କରେ ସାମିଲ ଥିବା ୩ ଜଣ ମହିଳାଙ୍କ ମଧ୍ୟରେ ଖ୍ରୀଷ୍ଟିନା ରହିଥିଲେ। ଏବେ ତାଙ୍କୁ ଆର୍ଟେମିସ-୨ର ସ୍ପେଶାଲିଷ୍ଟ ଭାବେ ଦାୟିତ୍ୱ ମିଳିଛି। ୨୦୨୪ରେ ନାସା ପକ୍ଷରୁ ଏହି ମିଶନ୍ ଆରମ୍ଭ ହେବ। ଯେଉଁଥିରେ ଚନ୍ଦ୍ରର କକ୍ଷପଥରେ ମହାକାଶଚାରୀମାନେ ବୁଲିବା ପରେ ପୁଣି ଥରେ ଫେରି ଆସିବେ। ୨୩ ଲକ୍ଷ କିଲୋମିଟରର ଏହି ଆର୍ଟିମିସ୍-୨ ମିଶନ୍ ପାଇଁ ଲାଗିବ ୧୦ ଦିନର ସମୟ। ସମ୍ପୂର୍ଣ୍ଣ ଲାଇଫ୍ ସପୋର୍ଟରେ ସମସ୍ତ ମହାକାଶଚାରୀ ରହିବେ।

ଏହି ୧୦ ଦିନିଆ ମୁନ୍ ମିଶନ ଅଭିଯାନର ପ୍ରକ୍ରିୟା କେମିତି ରହିବ, ସେ ବିଷୟରେ ମଧ୍ୟ ଜାଣିବା ଜରୁରୀ। ପ୍ରଥମେ କେନେଡି ସ୍ପେଶ୍ ସେଣ୍ଟରରୁ ୪ ଜଣିଆ ମହାକାଶଚାରୀ ଟିମ ଉଡ଼ାଣ ଭରିବେ। ସ୍ୱତନ୍ତ୍ର ରକେଟରେ ଏମାନେ ମିଶନ ଚନ୍ଦ୍ର ଆରମ୍ଭ କରିବେ।

ଏହାପରେ ପୃଥିବୀ କକ୍ଷପଥରେ ପରିଭ୍ରମଣ କରିବ ସ୍ୱତନ୍ତ୍ର ଯାନ। ତୃତୀୟ ପ୍ରକ୍ରିୟା ରହିବ ରକେଟ୍ ଲଞ୍ଚରରୁ ପୃଥକୀକରଣ। ୪ ଜଣିଆ କ୍ରୁ ମେମ୍ବର ବସିଥିବା କ୍ୟାପସୁଲଟି ରକେଟରୁ ଅଲଗା ହୋଇଯିବ। ଏହାପରେ ଆରମ୍ଭ ହେବ ଇଞ୍ଜିନରେ ଫାୟାର୍ ପ୍ରକ୍ରିୟା।

ଯାହା ଫଳରେ କ୍ୟାପସୁଲର ନିଜସ୍ୱ ଗତିର ବେଗ ଆହୁରି ବଢ଼ିବ। ସେହି ବେଗରେ ଚନ୍ଦ୍ରକୁ ଅର୍ଦ୍ଧ ପରିକ୍ରମା କରିବେ ୪ ଜଣ ମହାକାଶଚାରୀ। ଶେଷରେ ଆରମ୍ଭ ହେବ ପୃଥିବୀକୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା। କ୍ରୁ ମଡ୍ୟୁଲଟି ଅଲଗା ହେବା ସହ ପ୍ରଶାନ୍ତ ମହାସାଗରରେ ଅବତରଣ କରିବ। ଏହି ମିଶନରେ ଖ୍ରୀଷ୍ଟିନାଙ୍କ ବ୍ୟତୀତ ଭିକ୍ଟୋର ଗ୍ଲୋଭର ମଧ୍ୟ ଏହି ମିଶନରେ ଯିବେ।

ଭିକ୍ଟୋର ହେଉଛନ୍ତି ପ୍ରଥମ କୃଷ୍ଣକାୟ ଆମେରିକା ନାଗରିକ ଯିଏ ମିଶନ ଚନ୍ଦ୍ରରେ ଯାଉଛନ୍ତି। ଏହି ଦୁଇ ଜଣଙ୍କ ବ୍ୟତୀତ ଜେର୍ମୀ ହାନସେନ ଓ ରେଇଡ ୱାଇମାନ ମଧ୍ୟ ମିଶନରେ ଯିବେ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି।

# ସୁଦାନରୁ ଫେରିଲେ ୩୬୦ ଭାରତୀୟ

ଅପରେସନ 'କାବେରି' ଜରିଆରେ ଅଶାନ୍ତ ସୁଦାନରୁ ଭାରତୀୟଙ୍କୁ ଉଦ୍ଧାର ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୬୦ ଭାରତୀୟ ଗତକାଲି ସନ୍ଧ୍ୟାରେ ଦେଶରେ ପାଦ ଦେଇଛନ୍ତି। ଏହି ସମୟରେ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ବିମାନବନ୍ଦର ଭାରତ ମାତା କି ଜୟ ଧ୍ୱନୀରେ କମ୍ପିଥିବା ବେଳେ ବେଶ୍ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସୁଦାନରୁ ଉଦ୍ଧାର ପାଇଥିବା ଭାରତୀୟମାନେ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ସେମାନଙ୍କ ଉଦ୍ୟମ ଯୋଗୁ ନୂଆ ଜୀବନ ପାଇଥିବା କହିଛନ୍ତି।

୩୬୦ ଭାରତୀୟଙ୍କୁ ଧରି ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧି ବିମାନ ବନ୍ଦରରେ ପହଞ୍ଚିଥିଲା।



ସେମାନଙ୍କୁ ସ୍ୱାଗତ କରିବା ପାଇଁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ବିମାନବନ୍ଦରରେ ଉପସ୍ଥିତ ଥିଲେ।

ସୁଦାନରେ ଗୃହ ଯୁଦ୍ଧ ପରିସ୍ଥିତି ଲାଗିଥିବା ବେଳେ ଆମେରିକା ଓ ସାଉଦି ଆରବ ମଧ୍ୟସ୍ଥତା ପରେ ଉଭୟ ପକ୍ଷ ୭୨ ଘଣ୍ଟା ଅସ୍ତବିରତି ପାଇଁ ସହମତି ପ୍ରକାଶ କରିଥିଲେ। ଏହି ସମୟ ମଧ୍ୟରେ ଭାରତ ସମେତ ବିଭିନ୍ନ ଦେଶ ନିଜ ନିଜ ନାଗରିକଙ୍କୁ ଉଦ୍ଧାର କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି।

ଭାରତୀୟ ବାୟୁସେନାର ୨ ସ୍ୱତନ୍ତ୍ର ବିମାନରେ ୨୫୦ ଭାରତୀୟଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ଏହା ପୂର୍ବରୁ ନୌସେନା ଜାହାଜ ଆଇଏନଏସ ସୁମେଧା ୨୭୮ ଯାତ୍ରୀଙ୍କୁ ଧରି ସାଉଦି ଆରବର ଜେହାଦ ଅଭିମୁଖେ ଯାତ୍ରା କରିଥିଲା। ଏହି ଯାତ୍ରୀମାନେ ସାଉଦି ଆରବରେ ପହଞ୍ଚିଥିବା ବେଳେ ସେଠାରୁ ସେମାନଙ୍କୁ ବିମାନ ଯୋଗେ ଭାରତ ଅଣାଯାଉଛି।

ସୁଦାନରେ ଫସିଥିବା ଭାରତୀୟଙ୍କୁ ଉଦ୍ଧାର କରିବା ଆମର ପ୍ରଥମ ପ୍ରାଥମିକତା ବୋଲି ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଛନ୍ତି। ସେଠାରେ ଫସିଥିବା ଲୋକଙ୍କୁ ସୁରକ୍ଷିତ ଭାବ ଉଦ୍ଧାର କରି ଭାରତକୁ କିମ୍ବା ଅନ୍ୟ କୌଣସି ଦେଶକୁ ସ୍ଥାନାନ୍ତର କରିବା ପାଇଁ ଆମେ ଉଦ୍ୟମ ଜାରି ରଖିଛୁ ବୋଲି ସେ କହିଛନ୍ତି।

## ସଂ ପା ଦ କୀ ୟ



## ପୃଥିବୀ ଉଜୁଡ଼ିଗଲେ ବଞ୍ଚିବା କେମିତି ?

କଥାରେ ଅଛି ମଣିଷ ଯେତେ ଉପରକୁ ଉଡ଼ିଲେ ମଧ୍ୟ ପାଦ ଦୁଇଟି ମାଟିରେ ରହିବା ଉଚିତ୍। ଏହି ରୂଢ଼ି ପ୍ରୟୋଗର ଅନେକ ଦୃଷ୍ଟି କୋଣ ରହିଥିଲେ ମଧ୍ୟ ଏତିକି ସ୍ପଷ୍ଟ ଯେ ସବୁବେଳେ ମୂଳକୁ ମନେ ରଖିବା ଉଚିତ୍। ଆଜି ମନୁଷ୍ୟ ସମାଜ ବିଜ୍ଞାନ ଓ ପ୍ରଯୁକ୍ତି ବଳରେ ଚନ୍ଦ୍ର ପୃଷ୍ଠରେ ରହିବା ପାଇଁ ଜାଗା କିଣିଲାଣି ସତ୍ୟ କିନ୍ତୁ ଆବଶ୍ୟକତାଠାରୁ ଅଧିକ ଚାହିଦା ମେଣ୍ଟାଇବା ପାଇଁ ପ୍ରାକୃତିକ ସମ୍ପଦର ଦୁରୁପଯୋଗ କରି ପୃଥିବୀ ପୃଷ୍ଠକୁ ଛାରଖାର କରିବା ପରେ ଏବେ ପରିବେଶ ପ୍ରଦୂଷଣ ଜନିତ ଭୟାବହତାରୁ ରକ୍ଷା ପାଇବା ପାଇଁ ପୃଥିବୀ ପୃଷ୍ଠକୁ ସଂରକ୍ଷଣ କରିବା ପାଇଁ ନାନା ପ୍ରକାର ସଚେତନତା ସୃଷ୍ଟି ପାଇଁ ଚେଷ୍ଟା ଆରମ୍ଭ କରିଛି।

ଏହି ପ୍ରଚେଷ୍ଟାରେ ୧୯୭୦ ମସିହାରେ ଆମେରିକା ମହାଦେଶ ବିଶ୍ୱର ୧୪୨ ଆମେରିକୀୟ ଦେଶ ସମୂହର ପ୍ରାୟ ୨୦୦ ନିୟୁତ ବ୍ୟକ୍ତି ବିଶେଷଙ୍କୁ ନେଇ ଏହି ଦିବସଟିକୁ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା।

ପୃଥିବୀ ଦିବସର ପିତା ନାମରେ ପରିଚିତ ଶ୍ରୀ ଗେ ଲର୍ଡ ନେଲସନ ନାମକ ଆମେରିକୀୟ ରାଜନୀତିଜ୍ଞ ତଥା ପରିବେଶବିତଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ସଚେତନତାର ଦିବସଟିକୁ ପ୍ରତି ବର୍ଷ ଅପ୍ରେଲ ମାସ ୨୨ ତାରିଖରେ ଭାରତ ସମେତ ୧୯୦ଟି ଦେଶ ପାଳନ କରି ଆସୁଛନ୍ତି।

ବ୍ୟାପକ କଳ କାରଖାନା, ଶିଳ୍ପ ପ୍ରତିଷ୍ଠାନ ଓ ଟେକ୍ନୋଲୋଜିର କୁପ୍ରଭାବରେ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ବାୟୁ ମଣ୍ଡଳରେ ବିଷାକ୍ତ ଅଙ୍ଗାରକାମ୍ଳ ସୃଷ୍ଟି କରି ଓଜୋନ ସ୍ତରକୁ କ୍ଷୟ କରିବାରେ ଲାଗିଛି। ଫଳତଃ ବିଶ୍ୱ ତାପମାତ୍ରା ଅତ୍ୟଧିକ ହୋଇ ଜନ ଜୀବନ ବିପର୍ଯ୍ୟସ୍ତ ହୋଇ ଗଲାଣି।

ବାୟୁ ପ୍ରଦୂଷଣ, ଆଲୋକ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ରେଡିଓ ଆକ୍ଟିଭ୍ ପ୍ରଦୂଷଣ, ତାପଜ ପ୍ରଦୂଷଣ, ଦୃଷ୍ଟି ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣରେ ସମଗ୍ର ବିଶ୍ୱ ଅସ୍ତବ୍ୟସ୍ତ।

ପ୍ରାଣୀ ଜଗତର ଶ୍ୱାସ କ୍ରିୟା ପାଇଁ ବାୟୁ ମଣ୍ଡଳରେ କାର୍ବନ ଡାଇଅକ୍ସାଇଡ ୩୦୦ ପିପିଏମ ମାତ୍ରା ସୁରକ୍ଷିତ ହୋଇଥିବା ବେଳେ ୨୦୨୨ ରିପୋର୍ଟ ଅନୁସାରେ ବାୟୁ ମଣ୍ଡଳରେ ତାହା ୪୨୧ ପିପିଏମରେ ପହଞ୍ଚିଲାଣି ଯାହା ଜୀବନ ପାଇଁ ବିପଦଜନକ।

ମଣିଷ ଆଜି ଏକ ଭୟଙ୍କର ସଙ୍କଟମୟ ପରିସ୍ଥିତିର ସମ୍ମୁଖୀନ ହୋଇଛି। ସୃଷ୍ଟି ଆରମ୍ଭରୁ ଏକ ନିର୍ମଳ ସନ୍ତୁଳିତ ପରିବେଶକୁ ଉପଭୋଗ କରିଆସୁଥିବା ମଣିଷ ଆଜି ତାର ପରିବେଷ୍ଟନୀରେ ଥିବା ପ୍ରାକୃତିକ ପ୍ରକ୍ରିୟାଗୁଡିକ ଅସନ୍ତୁଳିତ ବିପଦପୂର୍ଣ୍ଣ ଅବସ୍ଥାରେ ପହଞ୍ଚିଥିବାରୁ ଦେଖିବାକୁ ପାଉଛି। ତେବେ ଏହି ଅସନ୍ତୁଳିତ ପରିବେଶ ପାଇଁ ଦାୟୀ କିଏ ?

ହଁ, ଆମର କ୍ରିୟାକଳାପ ହିଁ ଏଥିପାଇଁ ସଂପୂର୍ଣ୍ଣ ଦାୟୀ। ସୁତରାଂ ଏହାକୁ ସୁଧାରିବା ମଧ୍ୟ ଆମର ଦାୟିତ୍ୱ।

ତେବେ ଏଠାରେ ପ୍ରଶ୍ନ ଉଠେ, ଏହାକୁ କିପରି ରୋକା ଯାଇ ପାରିବ ?

ୟୁଏନଡିପିର ୧୭ଟି ନିରନ୍ତର ବିକାଶର ଲକ୍ଷ୍ୟ (ସଷ୍ଟେନେବଲ ଡେଭେଲପମେଣ୍ଟ ଗୋଲ୍ ) ଏବଂ ଆମ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆ ଯାଇଥିବା 'ଲାଇଫଷ୍ଟାଇଲ ଫର୍ ଏନଭାଇରନମେଣ୍ଟ' ଅଭିଯାନ (LIFE) ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କ ଛୋଟ ଛୋଟ ପଦକ୍ଷେପ ହିଁ ଏକ ବଡ଼ ପରିବର୍ତ୍ତନର ସୂତ୍ରଧାର ହୋଇ ପାରିବ।

ବିଶ୍ୱ ପୃଥିବୀ ଦିବସରେ ପ୍ରତ୍ୟେକ ବ୍ୟକ୍ତି ସଂକଳ୍ପ ବଦ୍ଧ ଭାବରେ କେତୋଟି ଛୋଟିଆ ପଦକ୍ଷେପ ନେବା। ଯାହାକି-

- ପ୍ଲାଷ୍ଟିକ ପାଣି ବୋତଲ ନ କିଣି ଘରୁ କାଚ ବୋତଲରେ ପାଣି ସାଙ୍ଗରେ ନେବା।
- ପାୱାର ନିୟନ୍ତ୍ରିତ ଲାଇଟ୍ ବଲବ ବ୍ୟବହାର କରିବା।
- ମୋଟର ଗାଡ଼ିର ବ୍ୟବହାର ଯଥା ସମ୍ଭବ କମ କରି ପୁଲ କାର୍ ସାଇକେଲ ବା ପାଦରେ ଚାଲିବା ଅଭ୍ୟାସ କରିବା।
- ଯାନବାହାନ ଚକାର ପମ୍ପକୁ ନିୟମିତ ଭାବରେ ପରୀକ୍ଷା କରିବା। ଏହାଦ୍ୱାରା ପେଟ୍ରୋଲ/ଡିଜେଲ୍ ଜାଳେଣୀ ଜନିତ ପ୍ରଦୂଷଣ କମ୍ କରି ପାରିବା।
- ଘରର ବର୍ଜ୍ୟ ବସ୍ତୁକୁ ପୁନଃ ପ୍ରକ୍ରିୟାକରଣ କରି ବ୍ୟବହାର କରିବା।
- ଲୁଗା ସଫା ସମୟରେ ଗରମ ପାଣିର ବ୍ୟବହାର ନ କରିବା।
- ବିଭିନ୍ନ ସାମଗ୍ରୀର ପ୍ୟାକେଜିଂ ୧୦ ଭାଗ କମାଇ ପାରିଲେ ବର୍ଷକୁ ହାରାହାରି ୧୨୦୦ ପାଉଣ୍ଡ କାର୍ବନ ଡାଇଅକ୍ସାଇଡ ସଞ୍ଚୟ କରି ପାରିବା।
- ଶୀତତାପ ନିୟନ୍ତ୍ରିତ ମେସିନରେ ଆବଶ୍ୟକ ସ୍ଥଳେ ମାତ୍ର ଦୁଇ ଡିଗ୍ରୀ ତାପମାତ୍ରା କମ ବେଶୀ କରି ଆମେ ବର୍ଷକୁ ୨୦୦୦ ପାଉଣ୍ଡ କାର୍ବନ ଡାଇଅକ୍ସାଇଡ ବଞ୍ଚାଇ ପାରିବା।
- ଗଛ କାଟିବା ନାହିଁ, ବରଂ ପ୍ରତ୍ୟେକ ଦିନ ଗଛଟିଏ ଲଗାଇବା।
- ଆବଶ୍ୟକ ନ ଥିଲେ ଇଲେକଟ୍ରୋନିକ୍ସ ଯନ୍ତ୍ରପାତିକୁ ବନ୍ଦ କରି ରଖିବା।
- ଫାଷ୍ଟ ଫୁଡ୍ ଏବଂ ଫାଷ୍ଟ ଫେସନକୁ ପରିତ୍ୟାଗ କରି ସନ୍ତୁଳିତ ଶାକାହାରୀ ଏବଂ ନିଜ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ସାମଗ୍ରୀ ଓ ପୋଷାକପତ୍ର ବ୍ୟବହାର କରିବା।

ପୃଥିବୀ ଭିତରେ ଏ ପରିବେଶ, ଏ ପରିବେଶ ଭିତରେ ମାଟି। ଏହାର ସମନ୍ୱୟ ହିଁ ଏକ ସୁସ୍ଥ ଜୀବନ।

କେବଳ ଯେ ଗୋଟିଏ ଦିନ ପାଳନ କରି ଦେଲେ ଆମେ ଦାୟିତ୍ୱମୁକ୍ତ ହୋଇଯିବା ତାହା ନୁହେଁ, ପ୍ରତ୍ୟେକ ଦିନ ପୃଥିବୀ ଦିବସ ହେଉ, ମାଟି ମାଆ ପାଇଁ। ଯେଉଁ ପୃଥିବୀ ଆମକୁ ବଞ୍ଚାଇ ରଖିଛି ତହାର ଯତ୍ନ ନେଇ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଉ।

ଆଗାମୀ ବଂଶଧରଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଆଜିର ଦିନର ଏହି ସଂକଳ୍ପ ହେଉ।

# ଆମକୁ ଅନ୍ୟ କେହି ବଞ୍ଚାଇବେ ନାହିଁ !

### ସରଳ କୁମାର ଦାସ

ଗୋଟିଏ ପୁସ୍ତକ ମଧ୍ୟ ଗୋଟେ ବିପ୍ଳବକୁ ଜନ୍ମ ଦେଇପାରେ। ୧୯୬୨ରେ ପ୍ରକାଶିତ ରେଚେଲ କାର୍ସନଙ୍କ ଦ୍ୱାରା ଲିଖିତ 'ସାଇଲେଣ୍ଟ ସ୍ପ୍ରିଙ୍ଗ' (ନୀରବ ବସନ୍ତ) ସେହିପରି ଗୋଟିଏ ପୁସ୍ତକ। ରେଚେଲ କାର୍ସନଙ୍କୁ ବିଂଶ ଶତାବ୍ଦୀର ସର୍ବୋତ୍ତମ ପ୍ରକୃତି ଲେଖକ ରୂପେ ଗ୍ରହଣ କରାଯାଇଥାଏ ଓ ୨୦୦୬ରେ 'ଡିସକଭର' ପତ୍ରିକା ଦ୍ୱାରା 'ସାଇଲେଣ୍ଟ ସ୍ପ୍ରିଙ୍ଗ' ବହିଟିକୁ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ୨୫ଟି ବିଜ୍ଞାନ ବହି ଭିତରେ ସ୍ଥାନିତ କରାଯାଇଛି। ମଣିଷ ଅହରହ ଭାବେ ପ୍ରକୃତି ଉପରେ କରିଚାଲିଥିବା ଅବିଚାରିତ ଅତ୍ୟାଚାରର କିଭଳି କୁପରିଣାମ ଦେଖିବାକୁ ମିଳିପାରେ, ତାହା ହିଁ ହେଉଛି ଏହି ପୁସ୍ତକର ମୂଳ ବିଷୟବସ୍ତୁ। କୀଟନାଶକ ଔଷଧଗୁଡ଼ିକର ପ୍ରୟୋଗ ଦ୍ୱାରା ପରିବେଶର ଯେଉଁ ବ୍ୟାପକ କ୍ଷତି ସାଧିତ ହେଉଛି ସେ ସମ୍ପର୍କରେ ଲେଖିକା ଦୃଢ଼ ଭାବେ ତାଙ୍କର ଯୁକ୍ତି ଉପସ୍ଥାପନ କରିଥିଲେ। ପୁସ୍ତକଟି ପ୍ରକାଶ ପାଇବାର ଅଳ୍ପ ଦିନ ମଧ୍ୟରେ ୨୪ଟି ଦେଶରେ ଏହା ପାଠକୀୟ ଆଦୃତି ଲାଭ କରି ୫ ଲକ୍ଷରୁ ବି ବେଶି ବହି ବିକ୍ରି ହୋଇଯାଇଥିଲା। କେବଳ ସେତିକି ନୁହେଁ ଏହା ଜୀବଜନ୍ତୁ, ପରିବେଶ ଏବଂ ପ୍ରଦୂଷଣ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଥିବା ବିକଟ ସମ୍ପର୍କ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରାଇବାରେ ଏକ ବଡ଼ ଭୂମିକା ନିର୍ବାହ କରିଥିଲା। ବସ୍ତୁତଃ, ପରିବେଶ ସଂକ୍ରାନ୍ତୀୟ ଆନ୍ଦୋଳନର ମୂଳଦୁଆ ପକାଇବାରେ ସାହାଯ୍ୟ କରି ଏକ ବିପ୍ଳବର ଜନ୍ମ ଦେଇଥିଲା ଏହି ବହିଟି। କ୍ରମଶଃ ବିଭିନ୍ନ ଦେଶରେ ରାଜନେତାଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ପରିବେଶ ସୁରକ୍ଷାକୁ ନେଇ ବିମର୍ଶ ବୃଦ୍ଧି ପାଇଲା।

'ଆମେ ଆମ ଗ୍ରହକୁ ବାସୋପଯୋଗୀ କରି ରଖିପାରିବା ତ ?'– ଏହି ଆଶଙ୍କାଟି ହିଁ ୧୯୬୯ରେ ଅନୁଷ୍ଠିତ ୟୁନିସେଫ ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ଥିଲା। ଏହି ସମ୍ମିଳନୀରେ ଶାନ୍ତିପ୍ରତିଷ୍ଠା କ୍ଷେତ୍ରରେ କାର୍ଯ୍ୟରତ ଜନ ମ୍ୟାକକନେଲ ପ୍ରଥମେ 'ଆର୍ଥ ଡେ' ପାଳନ କରାଯିବା ଲାଗି ପ୍ରସ୍ତାବ ଆଗତ କରିଥିଲେ। ତେବେ ଏପ୍ରିଲ ୨୨, ୧୯୭୦ରେ ଆମେରିକାରେ ସିନେଟର ଗେଲର୍ଡ ନେଲସନ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଛାତ୍ର ଡେନିସ ହୟେସ ଓ ଅନ୍ୟମାନଙ୍କ ସହ ମିଶି ପ୍ରଥମ ଧରିତ୍ରୀ ଦିବସ (ଆର୍ଥ ଡେ) ପାଳନ କରିଥିଲେ। ଏହା ପରେ ସେଠାରେ 'ୟୁଏସ ଏନଭାଇରନମେଣ୍ଟ ପ୍ରୋଟେକ୍ସନ ଏଜେନ୍ସି'ର ପ୍ରତିଷ୍ଠା ହେଲା ଓ ତତସହିତ ପରିବେଶ ସମ୍ବନ୍ଧୀୟ ଅନେକ ଆଇନ ପ୍ରଣୟନର ବାଟ ଫିଟିଗଲା। ୧୯୯୦ରେ ସାରା ବିଶ୍ୱର ୧୪୧ଟି ଦେଶ ପ୍ରଥମ ଥର ପାଇଁ 'ଆର୍ଥ ଡେ' ପାଳନ କରିବାକୁ ଆଗେଇ ଆସିଲେ। ଫଳରେ ବ୍ରାଜିଲର ରିଓ ଡ଼ି ଜେନେରୋଠାରେ ଜାତିସଂଘ ତରଫରୁ ୧୯୯୨ରେ ଏକ 'ଆର୍ଥ ସମ୍ମିଟ' ଆହୂତ ହେଲା। ନୂତନ ଶତାବ୍ଦୀର ଆଗମନ ସହିତ କ୍ରମଶଃ ପରିବେଶ ସଂକ୍ରାନ୍ତୀୟ ବିମର୍ଶରେ ବୈଶ୍ୱିକ ଉଷ୍ଣତା (ଗ୍ଲୋବାଲ ୱାର୍ମିଂ) ଓ ସ୍ୱଚ୍ଛ ଶକ୍ତି (କ୍ଲିନ ଏନର୍ଜି)ର ବ୍ୟବହାର ଭଳି ବିଷୟଗୁଡ଼ିକ ପ୍ରମୁଖତା ହାସଲ କରିବାକୁ ଲାଗିଲା। ଏଣିକି ପ୍ରତିବର୍ଷ ଏପ୍ରିଲ ୨୨ ଦିନଟି ସାରା ବିଶ୍ୱରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା 'ଧରିତ୍ରୀ ଦିବସ' (ଆର୍ଥ ଡେ) ରୂପେ ପାଳିତ ହେଉଛି, ଯଦ୍ଦ୍ୱାରା ପ୍ରକୃତି ପ୍ରତି ମଣିଷର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ପାଇଁ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବା ଲାଗି ଚାପ ସୃଷ୍ଟି କରିହେଉଛି। ଫଳରେ ଅନ୍ତର୍ଜାତୀୟ, ଜାତୀୟ ତଥା ଆଞ୍ଚଳିକ ସ୍ତରରେ ପ୍ରଚଳିତ ନୀତିରେ ମଧ୍ୟ ପରିବର୍ତ୍ତନ କରାଯାଉଛି। ତେବେ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିବାରୁ ପରିବେଶ ସୁରକ୍ଷାକୁ ନେଇ ଲୋକଙ୍କ ଉତ୍କଣ୍ଠା ବଢ଼ିବାରେ ଲାଗିଥିବାରୁ ଧରିତ୍ରୀ ଦିବସ ପାଳନର ପ୍ରାସଙ୍ଗିକତା ଆଗ ଅପେକ୍ଷା ଏବେ ଯଥେଷ୍ଟ ବଢ଼ିଯାଇଛି। ପ୍ରତିବର୍ଷ ଧରିତ୍ରୀ ଦିବସ ପାଳନ ଅବସରରେ ଏକ ନିର୍ଦ୍ଦିଷ୍ଟ ବିଷୟ (ଥିମ୍) ଉପରେ ଗୁରୁତ୍ୱ ଦିଆଯାଉଛି।



> ପ୍ରତିଟି ଦିନ ଧରିତ୍ରୀ କଥା ଭାବିବାର ଦିନ ହେବା ଆଶା କରାଯାଏ। କାରଣ ଧରିତ୍ରୀ ତା' ବାସ୍ତବ ଅବସ୍ଥା ଓ ସ୍ୱରୂପରେ ତିଷ୍ଠି ରହିଲେ ଯାଇ ସେଥିରେ ଜୀବନ ଧାରଣ ନିର୍ବିଘ୍ନରେ ସମ୍ଭବ ହେବ। ତେଣୁ ପରିବେଶ ପ୍ରଦୂଷିତ ହୋଇ ଧରିତ୍ରୀ ଯେପରି ଅଧିକ ଧ୍ୱଂସାଭିମୁଖୀ ନ ହୁଏ ସେଥିପାଇଁ ବ୍ୟକ୍ତିବିଶେଷଙ୍କଠାରୁ ଆରମ୍ଭ କରି ରାଷ୍ଟ୍ର ପର୍ଯ୍ୟନ୍ତ ପ୍ରତ୍ୟେକେ ନିଜ ନିଜ ସ୍ତରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ପରିବେଶ ସଂରକ୍ଷଣକୁ ଧ୍ୟାନରେ ରଖି ଅନ୍ତର୍ଜାତୀୟ ସ୍ତରରେ ଏକଜୁଟ ହୋଇ କାମ କରିବା ଲାଗି ଭାରତ ସମେତ ସମଗ୍ର ବିଶ୍ୱର ୧୯୫ଟି ଦେଶର କୋଟି କୋଟି ଲୋକ ୨୦୨୩ରେ ଆଗ୍ରହ ଓ ଉଲ୍ଲାସର ସହିତ 'ବିଶ୍ୱ ଧରିତ୍ରୀ ଦିବସ' ପାଳନ କରୁଛନ୍ତି। ଏଥର ଧରିତ୍ରୀ ଦିବସର ବିଷୟବସ୍ତୁ – 'ଆମ ଗ୍ରହରେ ବିନିଯୋଗ କର (ଇନଭେଷ୍ଟ ଇନ ଆୱାର ପ୍ଲାନେଟ)।' ଏକ ସମୃଦ୍ଧିଶାଳୀ ଭବିଷ୍ୟତ ଗଠନ ପାଇଁ ଆମକୁ ଆମ ସମୟ, ସମ୍ବଳ ଓ ଶକ୍ତିକୁ ଜଳବାୟୁ ପରିବର୍ତ୍ତନ ତଥା ଅନ୍ୟାନ୍ୟ ପରିବେଶ ସମ୍ପର୍କିତ ସମସ୍ୟାର ସମାଧାନ ଲାଗି ବିନିଯୋଗ କରିବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଆମ ଗ୍ରହରେ ବିନିଯୋଗ କଲେ ହିଁ ତାହା ସାରା ବିଶ୍ୱରେ ଏକ ସୁସ୍ଥ, ସୁଖୀ ଓ ବାସ୍ତବ ଅର୍ଥରେ ସମୃଦ୍ଧିଶାଳୀ ଜୀବନ ଧାରଣ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇପାରିବ ବୋଲି ବିଶ୍ୱାସ। ଏହି ବିନିଯୋଗ ବ୍ୟକ୍ତିଗତ, ଗୋଷ୍ଠୀଗତ, ରାଷ୍ଟ୍ରୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଭିନ୍ନ ଭିନ୍ନ ଭାବେ ହୋଇପାରିବ।

ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ଯେଉଁ କାମଗୁଡ଼ିକୁ କରିହେବ ସେଗୁଡ଼ିକ ମଧ୍ୟରେ ବୃକ୍ଷରୋପଣ ଏକ ପ୍ରମୁଖ କାର୍ଯ୍ୟ। ଜଳବାୟୁ ପରିବର୍ତ୍ତନ ଓ ପରିବେଶର ଦ୍ରୁତ ଅବକ୍ଷୟକୁ ରୋକିବା ପାଇଁ ଅଧିକ ଦ୍ରୁତ ଗତିରେ ବୃକ୍ଷରୋପଣ କରାଯିବା ଜରୁରୀ। ବିଶେଷ କରି ଜଳବାୟୁ ପରିବର୍ତ୍ତନ ଜନିତ କାରଣରୁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଥିବା ଓ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବା ଅଞ୍ଚଳଗୁଡ଼ିକରେ ବୃକ୍ଷରୋପଣକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ, ଯେଉଁଥିରେ ଗୋଷ୍ଠୀଗତ ଭାବେ ଏକ ବଡ଼ ଭୂମିକା ନିର୍ବାହ କରିହେବ। ସେହିପରି ପ୍ଲାଷ୍ଟିକ ପ୍ରଦୂଷଣ ବର୍ତ୍ତମାନ ଏକ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ଏହା କେବଳ ପରିବେଶ ପ୍ରତି କ୍ଷତି ପହଞ୍ଚାଉଛି ତାହା ନୁହେଁ, ଏହା ସିଧାସଳଖ ଆମ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ରୂପେ ଦେଖାଦେଇଛି। ଆମ ଜାଣତ ଓ ଆଜାଣତରେ ଆମେ ଏହି ସମସ୍ୟାଟିକୁ ଏକ ବଡ଼ ସମସ୍ୟାରେ ପରିବର୍ତ୍ତନ କରି ଦେଇଛନ୍ତି ଓ ସେଥିପାଇଁ ଆମେ ସମସ୍ତେ ଊଣା ଅଧିକେ ଦାୟୀ। ତେବେ ପ୍ଲାଷ୍ଟିକ ପ୍ରଦୂଷଣର ମୂଳୋତ୍ପାଟନ କରିବା ପୂର୍ବରୁ ପ୍ଲାଷ୍ଟିକର ବ୍ୟବହାରକୁ ହ୍ରାସ କରିବା ହେଉଛି ପ୍ରଥମ ଆବଶ୍ୟକତା। ତେଣୁ ବ୍ୟକ୍ତିଗତ ଓ ପରିବାର ସ୍ତରରେ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାରର ଗଣନା କରାଯାଇ ବାସ୍ତବ ସ୍ଥିତି ଜାଣିଲା ପରେ ତାକୁ କମ୍ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ସହଜ ହେବ। ପୋଷାକ ଓ ଅନ୍ୟାନ୍ୟ ପ୍ରଚଳିତ ଆଧୁନିକ ଫ୍ୟାଶନ ସାମଗ୍ରୀ ଶିଳ୍ପରେ ଯେଉଁ ପରିମାଣରେ ବର୍ଜ୍ୟବସ୍ତୁ ଉଦଗତ ହେଉଛି ତାହା ମୃତ୍ତିକା, ଜଳ, ବାୟୁକୁ ପ୍ରଦୂଷିତ କରି ଆମ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ଏବର ଆବଶ୍ୟକତା ହେଉଛି ପରିପୋଷଣୀୟ (ସସଟେନେବଲ) ଫ୍ୟାଶନକୁ ବହୁଳ ଭାବେ ଆଦରି ବର୍ଜ୍ୟବସ୍ତୁର ଉଦଗମନକୁ ହ୍ରାସ କରିବା। ପରିପୋଷଣୀୟ ବା ତିଷ୍ଠକ୍ଷମ ଫ୍ୟାଶନ କହିଲେ ଏପରି ଏକ ପୋଷାକ ଯୋଗାଣ ବ୍ୟବସ୍ଥା ଯାହା ଉଭୟ ପରିବେଶ ଓ ସାମାଜିକ ଦାୟିତ୍ୱ ପ୍ରତି ଦାୟବଦ୍ଧ। ପରିବେଶ ସଂରକ୍ଷଣର ପକ୍ଷ ସମର୍ଥନ କରି ଛାତ୍ରଙ୍କଠାରୁ ଆରମ୍ଭ କରି ଜନସାଧାରଣଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସଚେତନତା ବୃଦ୍ଧି କରିବା ସହ ସେମାନଙ୍କୁ ଏଥି ପ୍ରତି ପ୍ରେରିତ କରିବା ଲାଗି ମଧ୍ୟ ବିଭିନ୍ନ ସ୍ତରରେ ଉଦ୍ୟମ ହୋଇପାରିବ।

ଏକ ସୁସ୍ଥ ଅର୍ଥନୈତିକ ବ୍ୟବସ୍ଥାର ନିର୍ମାଣ ଉପରେ ଏଥରର ଧରିତ୍ରୀ ଦିବସ ଗୁରୁତ୍ୱ ଆରୋପ କରିଛି। ଯେ କୌଣସି ଉପାୟରେ ଲାଭ କରିବା ବା ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବା ବା ବିକଶିତ ହେବା ପାଇଁ ପ୍ରୟାସ କରିବା କୌଣସି କମ୍ପାନୀ ବା ରାଷ୍ଟ୍ର ପକ୍ଷରେ ଆଭିମୁଖ୍ୟ ହୋଇନପାରେ। ପରିବେଶର ବ୍ୟାପକ କ୍ଷତି କରି ହେଉଥିବା ସେଭଳି ବିକାଶ ଦୀର୍ଘସ୍ଥାୟୀ ହୋଇନଥାଏ। ତେଣୁ ନିରନ୍ତର ବିକାଶକୁ ହାସଲ କରିପାରିଲେ ତାହା ଉଭୟ ବ୍ୟବସାୟ ଓ ମାନବ ସମାଜର ସମୃଦ୍ଧିକୁ ସୁନିଶ୍ଚିତ କରିପାରିଥାଏ। କିଛି କମ୍ପାନୀ ପରିବେଶର କ୍ଷତି ନ କରି ପାରିବେଶିକ, ସାମାଜିକ ଓ ଶାସନବିଧି (ଏନଭାଇରନମେଣ୍ଟ ସୋସିଆଲ ଆଣ୍ଡ ଗଭର୍ଣ୍ଣାନ୍ସ - ଇଏସଜି) ମାନଦଣ୍ଡଗୁଡ଼ିକର ଅନୁପାଳନ କରି ମଧ୍ୟ ଉନ୍ନତ ଆର୍ଥିକ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ କର୍ମଚାରୀଙ୍କୁ ସନ୍ତୁଷ୍ଟ ରଖିବାକୁ ସକ୍ଷମ ହେଉଛନ୍ତି। ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ଆଗରେ ପରିବେଶ ସୁରକ୍ଷାକୁ ଅଣଦେଖା କରି କେବଳ ଲାଭ ଉଦ୍ଦେଶ୍ୟରେ ବ୍ୟବସାୟ କରିବା ଆଉ ଏକ ବିକଳ୍ପ ହୋଇ ରହିନାହିଁ। କାରଣ ସେମାନେ ପରିବେଶ ଅନୁକୂଳ ବ୍ୟବସାୟ କରିବା ଲାଗି ଅଭ୍ୟସ୍ତ ନ ହେଲେ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଅର୍ଥନୀତିକୁ ବିପର୍ଯ୍ୟସ୍ତ କରି ସମସ୍ତଙ୍କୁ ପ୍ରଭାବିତ କରିବ ଓ ଲାଭ କରୁଥିବା କମ୍ପାନୀଗୁଡ଼ିକ ମଧ୍ୟ ସେଥିରୁ ବାଦ ପଡ଼ିବେ ନାହିଁ। ଇଏସଜି ମାନଦଣ୍ଡକୁ ଅନୁସରଣ କରୁଥିବା କମ୍ପାନୀଗୁଡ଼ିକ ଓ ସେହି ସବୁ କମ୍ପାନୀରେ ନିବେଶ କରୁଥିବା ନିବେଶକମାନେ ମଧ୍ୟ ଏ ବାବଦରେ ହେଉଥିବା ବ୍ୟୟକୁ ଏକ ଅତିରିକ୍ତ ବୋଝ ରୂପେ ଗ୍ରହଣ ନ କରି ଏକ ନୂତନ ଆହ୍ୱାନ ରୂପେ ଗ୍ରହଣ କରି ପଦକ୍ଷେପ ନେବାକୁ ଆଗଭର ହେଉଥିବା ବେଳେ ନିମ୍ନ କେତୋଟି ଦିଗ ପ୍ରତି ଗୁରୁତ୍ୱ ଦେଇଥାନ୍ତି। ପ୍ରଦୂଷଣ, ଜୈବ ବିବିଧତା, ଅଙ୍ଗାରକାମ୍ଳ ନିର୍ଗମନ, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ପଦର ବ୍ୟବହାର ଭଳି ଭୌତିକ ଓ ପ୍ରାକୃତିକ ପରିବେଶଗତ ପ୍ରସଙ୍ଗଗୁଡ଼ିକର ବାସ୍ତବ ଓ ସମ୍ଭାବିତ ପ୍ରଭାବ ଆକଳନ କରି ଉଚିତ ପଦକ୍ଷେପ ନେବା। ଆଖପାଖର ଗ୍ରାମବାସୀ ତଥା କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା, ଯୋଗାଣ ବ୍ୟବସ୍ଥା ଆଦି ସାମାଜିକ ପ୍ରସଙ୍ଗଗୁଡ଼ିକର ବାସ୍ତବ ଓ ସମ୍ଭାବିତ ପ୍ରଭାବ ଆକଳନ କରି ଉଚିତ ପଦକ୍ଷେପ ନେବା। କମ୍ପାନୀଗୁଡ଼ିକର ପରିଚାଳନା ଓ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ସହ ନୀତି ନିର୍ଦ୍ଧାରଣ ସମୟରେ ସେଗୁଡ଼ିକ ପରିବେଶ ଓ ସାମାଜିକ ନୀତି ଓ ପ୍ରକ୍ରିୟାଗୁଡ଼ିକର ଅନୁପାଳନ କରିଥାଆନ୍ତି। କମ୍ପାନୀଗୁଡ଼ିକ ଦ୍ୱାରା ଇଏସଜି ମାନଦଣ୍ଡର ଅନୁପାଳନ ଉପରେ ରାଷ୍ଟ୍ର ତଥା ଜନସାଧାରଣଙ୍କ ସଜାଗ ଦୃଷ୍ଟି ନିବଦ୍ଧ ରହିଲେ ତାହା ପରିବେଶ ସଂରକ୍ଷଣକୁ ସୁନିଶ୍ଚିତ କରିବା ସହ ଆର୍ଥିକ ଦୃଷ୍ଟିରୁ ମଧ୍ୟ ଦୀର୍ଘମିଆଦି ଲାଭ ପ୍ରଦାନ କରିଥାଏ।

ପ୍ରତିଟି ଦିନ ଧରିତ୍ରୀ କଥା ଭାବିବାର ଦିନ ହେବା ଆଶା କରାଯାଏ। କାରଣ ଧରିତ୍ରୀ ତା' ବାସ୍ତବ ଅବସ୍ଥା ଓ ସ୍ୱରୂପରେ ତିଷ୍ଠି ରହିଲେ ଯାଇ ସେଥିରେ ଜୀବନ ଧାରଣ ନିର୍ବିଘ୍ନରେ ସମ୍ଭବ ହେବ। ତେଣୁ ପରିବେଶ ପ୍ରଦୂଷିତ ହୋଇ ଧରିତ୍ରୀ ଯେପରି ଅଧିକ ଧ୍ୱଂସାଭିମୁଖୀ ନ ହୁଏ ସେଥିପାଇଁ ବ୍ୟକ୍ତିବିଶେଷଙ୍କଠାରୁ ଆରମ୍ଭ କରି ରାଷ୍ଟ୍ର ପର୍ଯ୍ୟନ୍ତ ପ୍ରତ୍ୟେକେ ନିଜ ନିଜ ସ୍ତରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। କିନ୍ତୁ, ଉଭୟ ଉତ୍ତର ଓ ଦକ୍ଷିଣ ମେରୁର ଯାତ୍ରା କରିଥିବା ପ୍ରଖ୍ୟାତ ଅନୁସନ୍ଧାନକାରୀ ରବର୍ଟ ସ୍ୱାନ ୧୯୮୬ରେ ତାଙ୍କର ମତ ଦେଇଥିଲେ, "ଆଉ କେହି ଜଣେ ଆମ ଗ୍ରହକୁ ବଞ୍ଚାଇବ ବୋଲି ବିଶ୍ୱାସଟି ହିଁ ଆମ ଗ୍ରହ ପ୍ରତି ସବୁଠାରୁ ବଡ଼ ବିପଦ"। ଅର୍ଥାତ୍ ଆମ ଗ୍ରହକୁ ରକ୍ଷା କରିବା ଲାଗି ବାହାରୁ କେହି ଆସିବେ ନାହିଁ ଓ ଆମକୁ ହିଁ ସେହି ଦାୟିତ୍ୱଟିକୁ ବହନ କରିବାକୁ ହେବ। ମାଟିକୁ ତ ଆମେ ମାଆ ବୋଲି କହନ୍ତି, ହେଲେ ସେହି ମାଟି ମାଆ ଧରିତ୍ରୀର ସ୍ୱାସ୍ଥ୍ୟର କଥା କେତେ ଗମ୍ଭୀରତାର ସହ ଅବା ଚିନ୍ତା କରନ୍ତି ? ପରିବେଶକୁ ନେଇ ସ୍ଥିତି ଦିନକୁ ଦିନ ଅଧିକ ବିଗୁଡୁଛି ଓ ତାହା ନିୟନ୍ତ୍ରଣ ବାହାରକୁ ଚାଲିଯିବାକୁ ଦେବା ନିଶ୍ଚିତ ଭାବେ ଆତ୍ମଘାତୀ ହେବ। ସେଥିପାଇଁ କିଛି ନ ହେଲେ ବି ଧରିତ୍ରୀ କଥା ଭାବିବା ଲାଗି ଆମକୁ ଦିନଟିଏ ବା କିଛି ମୁହୂର୍ତ୍ତ ଅନ୍ତତଃ କାଢ଼ିବାକୁ ହେବ। ଆଉ ସେହି ଦିନଟି ଆଜିର ଦିନ 'ଧରିତ୍ରୀ ଦିବସ' (ଏପ୍ରିଲ ୨୨) ହେଉ।

ଭୁବନେଶ୍ୱର
ମୋ- ୯୪୩୭୦୩୮୦୧୫

# ପାଠ୍ୟ ପୁସ୍ତକରେ ଇତିହାସର ପୁନଃଲେଖନକୁ ନେଇ ସନ୍ଦେହ କାହିଁକି ?(୧)

### ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦ୍ୱାଦଶ ଶ୍ରେଣୀର ରାଜନୀତି ବିଜ୍ଞାନ ପୁସ୍ତକରେ ଥିବା ସ୍ୱାଧୀନତା ପରଠାରୁ ଭାରତର ରାଜନୀତି ଶୀର୍ଷକ ଅଧ୍ୟାୟରେ ୨୦୦୨ର ଗୁଜରାଟର ମୁସଲମାନ ବିରୋଧୀ ଦଙ୍ଗା ସମ୍ପର୍କିତ ଦୁଇ ପୃଷ୍ଠାକୁ ହଟେଇ ଦିଆଯାଇଥିବା ବେଳେ ୧୯୮୪ରେ ଦିଲ୍ଲୀର ଶିଖ୍ ବିରୋଧୀ ଦଙ୍ଗା ପ୍ରସଙ୍ଗଟି ପୂର୍ବ ପରି ରଖାଯାଇଛି। ସରକାରୀ ଦଳର ରାଜନୀତିକୁ ସୁହାଉଥିବା ଗୋଟିଏ ଦଙ୍ଗାକୁ ଉଲ୍ଲେଖ କରାଯାଇଥିବା ବେଳେ ରାଜନୈତିକ ଭାବେ ସୁହାଉ ନଥିବା ଆଉ ଏକ ଦଙ୍ଗାକୁ ହଟେଇ ଦିଆଯାଇଛି। ସେହିପରି ଦ୍ୱାଦଶ ଶ୍ରେଣୀର ରାଜନୀତି ବିଜ୍ଞାନ ପୁସ୍ତକରେ 'ଜରୁରୀ ପରିସ୍ଥିତି' ଶୀର୍ଷକ ଅଧ୍ୟାୟର ପାଞ୍ଚ ପୃଷ୍ଠା ହଟେଇ ଦିଆଯାଇଛି।

'ଗଣତାନ୍ତ୍ରିକ ବ୍ୟବସ୍ଥାର ସଙ୍କଟ' ଶୀର୍ଷକ ଏହି ଅଧ୍ୟାୟରେ ୧୯୭୫ରେ ତତ୍କାଳୀନ ଇନ୍ଦିରା ଗାନ୍ଧୀଙ୍କ ସରକାରଙ୍କ ଦ୍ୱାରା କିପରି ସେତେବେଳେ ବିରୋଧୀ ରାଜନୈତିକ କର୍ମୀମାନଙ୍କୁ ଗିରଫ କରାଯାଇଥିଲା, ମିଡ଼ିଆ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା, ଭିନ୍ନମତକୁ ଦମନ କରାଯାଇଥିଲା, ଜେଲ ଭିତରେ ରାଜନୈତିକ କର୍ମୀମାନଙ୍କୁ ନିର୍ଯ୍ୟାତନା ଦିଆଯାଇଥିଲା, ବିଚାର ବିଭାଗୀୟ ହାଜତରେ ହତ୍ୟା ବି ହୋଇଥିଲା ଏବଂ ବିନା ନିର୍ଦ୍ଧାରିତ ପ୍ରକ୍ରୀୟାରେ ସରକାରୀ ଅଧିକାରୀମାନଙ୍କୁ କାର୍ଯ୍ୟରୁ ବରଖାସ୍ତ କରାଯାଉଥିଲା, ତା'ର ଉଲ୍ଲେଖ ରହିଥିଲା। ବୋଧହୁଏ ଏକ ନିରଙ୍କୁଶ ସରକାର ଦ୍ୱାରା କ୍ଷମତାର ଦୁରୁପଯୋଗ କରି ଜରୁରୀ ପରିସ୍ଥିତିର ଘୋଷଣା ଓ ସାଧାରଣ ଜନତାଙ୍କ ଗଣତାନ୍ତ୍ରିକ ଅଧିକାର ଉପରେ ଦମନ ସମ୍ପର୍କରେ ଆମର ପିଲାଙ୍କୁ ଜଣାଇବାକୁ ବର୍ତ୍ତମାନର ସରକାର ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି।

ସେହିପରି ଦ୍ୱାଦଶ ଶ୍ରେଣୀର ରାଜନୀତି ବିଜ୍ଞାନ ବହିରେ ଗାନ୍ଧୀଙ୍କ ହତ୍ୟା ସମ୍ପର୍କରେ ଯେଉଁ ପ୍ରସଙ୍ଗ ଥିଲା, ତାକୁ ପ୍ରାୟତଃ କାଟିଦିଆଯାଇଛି। ଦେଶରେ ହିନ୍ଦୁ ମୁସଲମାନ ଏକତା ପାଇଁ ଗାନ୍ଧୀଙ୍କ ଉଦ୍ୟମ ହିନ୍ଦୁ କଟ୍ଟରପନ୍ଥୀମାନଙ୍କୁ କିପରି ଉତ୍ତେଜିତ କରିଥିଲା, ସେତେବେଳେ ନାଥୁରାମ ଗୋଡ଼ସେ ନାମକ ଜଣେ ହିନ୍ଦୁ କଟ୍ଟରପନ୍ଥୀ ମହାତ୍ମା ଗାନ୍ଧୀଙ୍କୁ କିପରି ହତ୍ୟା କରିଥିଲା ଏବଂ ଫଳସ୍ୱରୂପ ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲ ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷର ପ୍ରସାର କରୁଥିବା ଆରଏସଏସକୁ କିଛି ଦିନ ପାଇଁ ବେଆଇନ ଘୋଷଣା କରିଥିଲେ ବୋଲି ଯେଉଁ ଉଲ୍ଲେଖ ଥିଲା, ତାକୁ କାଟି ଦିଆଯାଇଛି। ଉପରୋକ୍ତ ଧାଡ଼ିଗୁଡ଼ିକ ଯେ ପିଲାଙ୍କ ବଦଳରେ କେନ୍ଦ୍ର କ୍ଷମତାରେ ରହିଥିବା ଲୋକଙ୍କ ପାଇଁ ଏକ ନୈତିକ ବୋଝ ହୋଇଯାଇଥିଲା, ତାହା ଏଥିରୁ ଅନୁମାନ କରାଯାଉଛି।

ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଜର ରାଜନୈତିକ ସ୍ୱାର୍ଥରେ ଇତିହାସକୁ ବଦଳାଇବାର ଚେଷ୍ଟାଟି ନୂଆ ନୁହେଁ। ୧୯୭୭ରେ କ୍ଷମତାକୁ ଆସିବା ପରେ ତତ୍କାଳୀନ ଶାସକ ଦଳର କେତେକ ନେତା ଏନସିଇଆରଟିର ସବୁ ପୁସ୍ତକକୁ ସମ୍ପୂର୍ଣ୍ଣ ହଟେଇ ଦେବାକୁ ଦାବି କରିଥିଲେ। ସେଥିରେ ରମେଶ ଚନ୍ଦ୍ର, ବିପିନ ଚନ୍ଦ୍ରା, ଆରଏସ୍ ଶର୍ମା ଓ ଅର୍ଜୁନ ଦେବଙ୍କ ପୁସ୍ତକ ରହିଥିଲା। ତେବେ ସେତେବେଳର ଭାରତ ଆଜିର ଭାରତ ନଥିଲା, ସାରା ଦେଶରେ ଏହାର ବିରୋଧ ହୋଇଥିଲା। ଏପରିକି ଖୋଦ୍ ଏନସିଇଆରଟି ଭିତରେ ବି ପ୍ରତିବାଦ ହେଲା। ସରକାର ବାଧ୍ୟ ହୋଇ ସେସବୁ ପାଠ୍ୟ ପୁସ୍ତକକୁ ହଟେଇବା ନିଷ୍ପତ୍ତିରୁ ଓହରିବାକୁ ବାଧ୍ୟ ହେଲେ। ୧୯୯୯ରେ ବି ଦ୍ୱିତୀୟ ଥର ପାଇଁ କେନ୍ଦ୍ର କ୍ଷମତାକୁ ଆସିବା ପରେ ସେମାନେ ପାଠ୍ୟ ପୁସ୍ତକକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ ଏବଂ କିଛି ପାଠ୍ୟ ପୁସ୍ତକକୁ ହଟେଇବାରେ ସଫଳ ବି ହୋଇଥିଲେ। ଚଳିତ ଥର ପ୍ରଥମେ କୋଭିଡ଼ ଯୋଗୁଁ ପାଠର ବୋଝ କମାଇବା ନାଁରେ ଏବଂ ପରେ ନୂଆ ଶିକ୍ଷା ନୀତି ନାଁରେ ଦେଶର ପାଠ୍ୟ ପୁସ୍ତକ ବିଶେଷ କରି ଇତିହାସ ପୁସ୍ତକକୁ ରାଜନୈତିକ ବିଚାର ଅନୁରୂପ ବଦଳାଇବାକୁ ଚେଷ୍ଟା ହୋଇଛି।

ବ୍ରିଟିଶ ଶାସନ ସମୟରେ ସରକାର ଦ୍ୱାରା ପ୍ରକାଶିତ ପ୍ରକାଶିତ ଇତିହାସ ବହିରେ କେବଳ ବ୍ରିଟିଶ ଶାସନକୁ ମହିମା ମଣ୍ଡିତ କରାଯାଇଥିଲା। ତେବେ ସ୍ୱାଧୀନତା ପରେ ଏହି ଔପନିବେଶିକ ଇତିହାସକୁ ପୁନଃଲେଖନର ଆବଶ୍ୟକତା ଥିଲା। ଏହିକ୍ରମରେ ସେତେବେଳେ ଏନସିଇଆରଟି ପକ୍ଷରୁ ରାଜନୈତିକ ବିଚାର ନିର୍ବିଶେଷରେ ଦେଶର ଜଣାଶୁଣା ଐତିହାସିକମାନଙ୍କୁ ବାଛି ଇତିହାସ ରଚନାର ଦାୟିତ୍ୱ ଦିଆଯାଇଥିଲା। ସେତେବେଳେ ଏନସିଇଆରଟି ପକ୍ଷରୁ କୁହାଯାଇଥିଲା ଯେ ଦେଶର ବାସ୍ତବ ଇତିହାସ ଲେଖିବାକୁ ହେବ ଯାହାକି ନା ଔପନିବେଶିକ ହେବ ନା ସାମ୍ପ୍ରଦାୟିକ ହେବ। ସେହି କ୍ରମରେ ଦେଶରେ ଇତିହାସ ପୁସ୍ତକ ଲେଖାଯାଇଥିଲା।

ବର୍ତ୍ତମାନ କିନ୍ତୁ ଇତିହାସର ପୁନଃଲେଖନ ନାଁରେ ଅତ୍ୟନ୍ତ ବିପଜ୍ଜନକ ଖେଳ ଆରମ୍ଭ ହୋଇଛି। ଗୋଟିଏ ପଟେ ଇତିହାସ ନାଁରେ ମିଛକଥା, କିମ୍ବଦନ୍ତୀ, କାଳ୍ପନିକ ଘଟଣା ଓ ମିଥ୍ୟାକୁ ବି ଇତିହାସ କରିବାକୁ ଚେଷ୍ଟା କରାଯାଉଥିଲା ବେଳେ ଅନ୍ୟପଟେ ଇତିହାସକୁ ସଂଶୋଧିତ କରି ଏକ ସାମ୍ପ୍ରଦାୟିକ ବିମର୍ଷ ତିଆରି କରିବାକୁ ଚେଷ୍ଟା କରାଯାଉଛି। ପୂର୍ବରୁ ମୁସଲମାନଙ୍କ ନାଁରେ ରହିଥିବା ଦେଶର ଅନେକ ସହର ଓ ରାସ୍ତାଗୁଡ଼ିକର ନାମକୁ ଏକଦମ୍ ବଦଳାଇ ହିନ୍ଦୁ ନାଁରେ ପରିଣତ କରିବା ପରେ ଏବେ ସରକାର ଇତିହାସ ପୁସ୍ତକରୁ ସେମାନଙ୍କ ଶାସନ କାଳ ଓ ଚିହ୍ନବର୍ଣ୍ଣକୁ ସମ୍ପୂର୍ଣ୍ଣ ହଟେଇଦେବାର ଚେଷ୍ଟା ଆରମ୍ଭ କରିଛନ୍ତି। ଭାରତରେ ଶହ ଶହ ବର୍ଷର ଇସଲାମିକ ଶାସକମାନଙ୍କ ଶାସନରେ ଯାହା ବି ଭଲ କାମ ହୋଇଥିଲା ତାକୁ ଇତିହାସ ପୃଷ୍ଠାରୁ ହଟେଇବାକୁ ଉଦ୍ୟମ କରାଯାଇଥିବା ବେଳେ ସେମାନଙ୍କ ଜନବିରୋଧୀ କାର୍ଯ୍ୟକୁ ବଢ଼େଇ ଚଢ଼େଇ କରି ଉପସ୍ଥାପିତ କରି ଦେଶର ମୁସଲମାନ ସଂପ୍ରଦାୟ ବିରୁଦ୍ଧରେ ଘୃଣା ପ୍ରସାରଣ କରିବାକୁ ଚେଷ୍ଟା କରାଯାଇଛି। କହିବାକୁ ଗଲେ ଗାନ୍ଧୀ, ନେହେରୁଙ୍କ ପରି ଯେଉଁ ନେତାମାନେ ଦେଶରେ ହିନ୍ଦୁ ମୁସଲମାନ ଏକତାର ପକ୍ଷଧର ଥିଲେ, ସେମାନଙ୍କୁ ବି ଇତିହାସରୁ ହଟେଇ ଦେବାକୁ ଚେଷ୍ଟା ଆରମ୍ଭ ହୋଇଛି।

ଇତିହାସରେ ଏହା ବାରମ୍ବାର ପ୍ରମାଣିତ ହୋଇଛି ଯେ ଯଦି କୌଣସି ସମ୍ପ୍ରଦାୟକୁ ଏପରି ସାଂସ୍କୃତିକ ଭାବେ ଆକ୍ରମଣ କରାଯିବ, ତାହା ଶେଷରେ ସେମାନଙ୍କ ନରସଂହାରରେ ସମାପ୍ତି ହେବ।

ଫୋନ ନଂ- ୯୪୩୭୧୬୬୩୯୧

# ଠିଆ ହେବା ଆଗରୁ ନଇଁଗଲା ଟ୍ରାନ୍ସଫର୍ମର

ଲଡୁଗାଁ: କୋକସରା ବ୍ଲକ ଅନ୍ତର୍ଗତ ବରାଡଙ୍ଗା ପଞ୍ଚାୟତ କେନ୍ଦୁଡଙ୍ଗରୀ ଗ୍ରାମରେ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦରେ ଜମିରେ ଜଳସେଚନ ପାଇଁ ଗଭୀର ନଳକୂପ ଖନନ କରାଯିବା ସହ ଏକ ଟ୍ରାନ୍ସଫର୍ମର ବସା ଯାଇଥିଲା। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଓ ଲାଭଖୋର ନୀତିରେ କରାଯାଇଥିବା କାମ ଯୋଗୁଁ ତାହା କାର୍ଯ୍ୟକ୍ଷମ ନହୋଇ ଠିଆ ହେବା ଆଗରୁ ନଇଁ ପଡ଼ି ଭାଙ୍ଗି ଯିବାକୁ ବସିଲାଣି । ଓଡ଼ିଶା ସରକାର କୃଷି ଓ କୃଷକର ଉନ୍ନତି ପାଇଁ ୨୦୦୧-୦୨ ମସିହାଠାରୁ ରାଜ୍ୟରେ ବିଜୁ କୃଷକ ବିକାଶ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ କେନ୍ଦୁଡଙ୍ଗରୀ ଗ୍ରାମରେ ସରକାରଙ୍କ ବିକାଶର ପରିଭାଷାକୁ ମୋଡ଼ି ମକଚି ଦେବା ପ୍ରୟାସ କରାଯାଇଛି । କୃଷିକ୍ଷେତ୍ରରେ ଚାଷିଙ୍କୁ ଗଭୀର ନଳକୂପ ଖନନରେ ରିହାତି ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଏ ଅଞ୍ଚଳର ଚାଷୀମାନେ ନିଜ ଚାଷ ଜମିରେ ନଳକୂପ ଖନନ ପାଇଁ ଗତ ୨୦୧୮ ମସିହାରେ ଅନଲାଇନ ଆବେଦନ କରିବା ସହ ଧାର କରଜ କରି ପ୍ରକଳ୍ପର ସୁଫଳ ପାଇବା ଆଶାରେ ୟୁନିଅନ୍ ବ୍ୟାଙ୍କରେ ୨୦ହଜାର ଟଙ୍କା ଲେଖାଏଁ ଜମା କରିଥିଲେ । ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପର ଆରମ୍ଭରୁ ସୁଫଳ ପାଇବା ପରିବର୍ତ୍ତେ ଏବେ ଚାଷୀ ହନ୍ତସନ୍ତ ହେଉଛନ୍ତି ।

ଅଭିଯୋଗ ଅନୁସାରେ, କେନ୍ଦୁଡଙ୍ଗରୀ ଗ୍ରାମର ଚାଷୀ ସୁଦୀପ୍ତ ଦାସଙ୍କ ୬ ଏକର ୨୦ ଡେସିମିଲ, ଆଶାରାମ ନାଏକ ୫ ଏକର ୭୬ ଡେସିମିଲ, ପ୍ରଫୁଲ୍ଲ ପଟେଲ ୬ ଏକର ୧୦ ଡେସିମିଲ, ମନ୍ଦିର ବାରିକଙ୍କ ୫ ଏକର ୧୦ ଡେସିମିଲ ଜମିରେ ଜଳସେଚନ ପାଇଁ ଚାରି ବର୍ଷ ତଳେ ୨୦ ହଜାର ଟଙ୍କା ଲେଖାଏଁ ଡିପୋଜିଟ୍ କରିଥିଲେ। ଚାରିବର୍ଷ ଅପେକ୍ଷା କଲାପରେ ଗଭୀର ନଳକୂପ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା । ପଏଣ୍ଟ ଖୋଲାଯାଇ ଟ୍ରାନ୍ସଫର୍ମର ବସାଯାଇଥିଲା। କେନ୍ଦୁଡଙ୍ଗରୀ ଗ୍ରାମର ଏହି ପ୍ରକଳ୍ପ ଆରମ୍ଭରୁ ଶେଷ ଯାଏଁ ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଦିଗରେ ମସୁଧା ଚଳାଇ ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ଟ୍ରାନ୍ସଫର୍ମର ଖୁଣ୍ଟ ଗୋଟିଏ ପଟେ ନଇଁ ପଡ଼ିଥିବା ବେଳେ ଦୁଇ ଖୁଣ୍ଟରେ ଫାଟ ଦେଖାଦେଇଛି। କେତେବେଳେ ଖୁଣ୍ଟ ପଡି ଧନ ଜୀବନ ନଷ୍ଟ ହେବ କହି ହେବନାହିଁ । ଖୋଦ୍ ଧର୍ମଗଡ଼ ବିଧାୟକ ମୌଷଧି ବାଗଙ୍କ ଗଡ଼ ବୋଲାଉଥିବା କୋକସରା ଅଞ୍ଚଳରେ ପ୍ରକଳ୍ପଗୁଡିକରେ କାର୍ଯ୍ୟରତ ଯନ୍ତ୍ରୀ, ପ୍ରଭାବଶାଳୀ ଠିକାଦାରଙ୍କ ଅଘୋଷିତ ବୁଝାମଣା ସ୍ପଷ୍ଟ ବାରି ହୋଇପଡିଥିବା ବେଳେ ଘଟଣାଟି ହାଟରେ ପଡି ଦାଣ୍ଡରେ ଗଡୁଛି। ପ୍ରକଳ୍ପଗୁଡିକ ଯେମିତି ସେମିତି କାର୍ଯ୍ୟ ସାରି ଠିକାଦାର ତାର ପ୍ରାପ୍ୟନେଇ ଛୁ ମାରିଲା ପରେ ବିଭାଗୀୟ ଅଧିକାରୀମାନେ ପରିଚାଳନାଗତ ପଦକ୍ଷେପ ନ ନେବାରୁ ଏବେ ଏପରି ଦୁରାବସ୍ଥା ହୋଇଛି । 'ସରକାର କା ମାଲ୍ ଦରିଆ ମେ ଡାଲ୍' ପରି ଟ୍ରାନ୍ସଫର୍ମର ଖୁଣ୍ଟକୁ ନେଇ ଚାଲିଥିବା ଅନିୟମିତତା ଏବେ ସାଧାରଣରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଉଠା ଜଳସେଚନ ନିଗମର ଯନ୍ତ୍ରୀ ସି. ବାସ୍କେଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ସେ କହିଥିଲେ ମୋତେ କେହି ଫୋନ କରି ନାହାନ୍ତି। ଆମେ ଆମ କାମ ଚଳେଇଛୁ ବୋଲି କହିଥିଲେ। ଅନ୍ୟପକ୍ଷରେ ଖୁଣ୍ଟଗୁଡିକୁ ଉତ୍ତମ ରୂପେ ପୋତା ନ ଯିବା ତଥା ଏଥିରେ ଉପଯୁକ୍ତ ପରିମାଣରେ କଂକ୍ରିଟ ବ୍ୟବହାର କରାଯାଇ ନଥିବାରୁ ନିମ୍ନମାନର ତଥା ଅସ୍ଥାୟୀ କାର୍ଯ୍ୟ କରି ସରକାରଙ୍କ ପଇସାକୁ ପାଣିରେ ପକାଇବାକୁ ଚାହୁଁଥିବା ଏପରି ଅସାଧୁ ଗୋଷ୍ଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ଚାଷୀ ମହଲରେ ଚର୍ଚ୍ଚା ଜୋର ଧରିଛି।



### ବୁର୍ଲା ଭିସୁଟରେ ପ୍ରଥମ ଘଟଣା

## ଛାତ୍ର ଓ ଛାତ୍ରୀଙ୍କୁ ଟିସି ଦେଇ ବିଦାକଲେ କର୍ତ୍ତୃପକ୍ଷ



ବୁର୍ଲା : ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) କର୍ତ୍ତୃପକ୍ଷ ଏକ ଦୃଷ୍ଟାନ୍ତମୁଳକ ପଦକ୍ଷେପ ନେଇଛନ୍ତି । ଭିସୁଟ୍ କର୍ତ୍ତୃପକ୍ଷ ଏକ ଘଟଣାର ତଦନ୍ତ କରି ଜଣେ ଛାତ୍ର ଏବଂ ଜଣେ ଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟରୁ ଟିସି ଦେଇ ତାଙ୍କ ଠାରୁ ଅଣ୍ଡରଟେକିଙ୍ଗ ରଖି ବହିଷ୍କାର କରିଥିବା ସୂଚନା ଦେଇଛନ୍ତି । ତେବେ ଏହି ଘଟଣା ବେଶ କିଛିଦିନ ତଳେ ଘଟିଥିବା ବେଳେ କର୍ତ୍ତୃପକ୍ଷଙ୍କ ଏଭଳି ଦୃଷ୍ଟାନ୍ତ ମୁଳକ କାର୍ଯ୍ୟାନୁଷ୍ଠାନ ଭିସୁଟ ଇତିହାସରେ ପ୍ରଥମ ବୋଲି ଚର୍ଚ୍ଚା ହେଉଛି । ମିଳିଥିବା ସୂଚନା ମତେ ଭିସୁଟର ଉତ୍ପାଦନ ଇଂଜିନିୟରିଙ୍ଗ ବିଭାଗ (ପ୍ରଡକ୍ସନ ଇଂଜିନିୟରିଙ୍ଗ)ର ପ୍ରଥମ ବର୍ଷର ଜଣେ ଛାତ୍ର ଏବଂ ଜଣେ ଛାତ୍ରୀ ଗତ କିଛିଦିନ ପୂର୍ବରୁ ନିଜ ବିଭାଗର ଛାତ ଉପରେ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ସମୟରେ ଧରାପଡିଥିଲେ। ଏହାପରେ ଭିସୁଟ୍ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତର ସହ ଗ୍ରହଣ କରି ତୁରନ୍ତ ଶୃଙ୍ଖଳା କମିଟିର ବୈଠକ କରିବା ଘଟଣାର ଉପରେ ବିଚାରବିମର୍ଶ କରିଥିଲେ। କମିଟିର ରିପୋର୍ଟକୁ ଆଧାର କରି ଭିସୁଟ କର୍ତ୍ତୃପକ୍ଷ ଉଭୟ ଛାତ୍ର ଏବଂ ଛାତ୍ରୀଙ୍କୁ ଟିସି ଦେଇ ବିଶ୍ୱବିଦ୍ୟାଳୟରୁ ବିଦା କରିଥିବା ସୂଚନା ମିଳିଛି । ତେବେ କର୍ତ୍ତୃପକ୍ଷଙ୍କ ଏଭଳି ଦୃଷ୍ଟାନ୍ତମୁଳକ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବରେ ଛାତ୍ରଛାତ୍ରୀଙ୍କୁ ଅନୁଶାସନ ତଥା ଶୃଙ୍ଖଳିତ ଭାବରେ ରହିବା ଲାଗି ଦିଗଦର୍ଶନ ଦେବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଭିସୁଟ କର୍ତ୍ତୃପକ୍ଷଙ୍କ ଏତାଦୃଶ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ପାନୀୟ ଜଳ ସମସ୍ୟା ନେଇ  ଗଛ ପକାଇ ରାସ୍ତାରୋକ



ଲାଞ୍ଜିଗଡ: ଜଳ କଷ୍ଟ ସହି ନ ପାରି ବିଶ୍ୱନାଥପୁର ଠାରୁ ବିଜେପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗଛ ପକାଇ ରାସ୍ତାରୋକ କରିଥିବା ଚିତ୍ର ସାମ୍ନାକୁ ଆସିଛି ବାଲ୍ଟି ଗରା ରଖି ରାସ୍ତା ରୋକ କରିଛନ୍ତି ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ପଞ୍ଚାୟତ ଅଧିନସ୍ତ ଡଙ୍ଗାଜୋର ଛକ ନିକଟରେ ବସବାସ କରୁଥିବା ଜନସାଧାରଣ। ସୁଚନା ଅନୁସାରେ ଆଜିକୁ ଦଶ ବର୍ଷ ହେଲା ପାନୀୟଜଳ ସମସ୍ୟା ନେଇଁ ସରପଞ୍ଚଙ୍କଠୁ ଆରମ୍ଭ କରି ବିଡ଼ିଓଙ୍କ ପର୍ଯ୍ୟନ୍ତ ଗୁହାରି କରି ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ପରେ ଆଜି ରାସ୍ତା ରୋକ କରିଥିବା ଗଣମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି ଗାଁ ଲୋକେ। ଏନେଇ କୌଣସି ମତେ ଖବର ପାଇ ଲାଞ୍ଜିଗଡ଼ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଦଶମନ୍ତ ମାଝୀ ଘଟଣା ସ୍ଥଳେ ପହଞ୍ଚି ସମସ୍ୟା ଉପରେ ଆଲୋଚନା କରିଥିଲେ। ଆସନ୍ତା ମେ ୫ ତାରିଖ ମଙ୍ଗଳବାର ଦିନ ଏକ ନଳକୂପ ଖନନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତାରୁ ହଟିଥିଲେ ଡଙ୍ଗାଜୋର ଛକ ପଡ଼ାର ଲୋକେ।

## ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟରେ ଚାଷୀ ଅସନ୍ତୋଷ



କାମାକ୍ଷାନଗର: କାମାକ୍ଷାନଗର ଉପଖଣ୍ଡ ଅନ୍ତର୍ଗତ କଙ୍କଡ଼ାହାଡ଼ ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟଧାରାରେ ସଂପୃକ୍ତ ଅଞ୍ଚଳର ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କଙ୍କଡାହାଡ଼ ବିଦ୍ୟୁତ ବିଭାଗ ଅଧୀନରେ ଥିବା ଉଠା ଜଳସେଚନ ପ୍ରକଳ୍ପଗୁଡିକ ମାଧ୍ୟମରେ ରବି ଋତୁରେ ବିଭିନ୍ନ ପ୍ରକାର ଫସଲ କରିଛନ୍ତି। କିନ୍ତୁ ଗତ ୭ ଦିନ ଧରି ସଂପୃକ୍ତ ଉଠା ଜଳସେଚନକୁ ବିଦ୍ୟୁତ ବିଛିନ୍ନ ହୋଇଯାଇଛି। ଏନେଇ ଚାଷୀମାନେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ କର୍ମଚାରୀମାନେ ବିଦ୍ୟୁତ ସଂଯୋଗ କରିବେ କରିବେ ବୋଲି କହି ଠକିବାରେ ଲାଗିଥିଲେ। ସଂପୃକ୍ତ ଉଠାଜଳସେଚନ ଅଧୀନରେ ରହିଥିବା ଭଣ୍ଡାରିଆ ୧, ଭଣ୍ଡାରିଆ ୨ ପ୍ରକଳ୍ପ ଅଧୀନରେ ପ୍ରାୟ ୬୦ ଏକରରେ ଧାନ, ଆଖୁ, ବାଇଗଣ ଆଦି ଫସଲ କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଫସଲକୁ ଜଳ ସେଚନର ଆବଶ୍ୟକତା ରହିଛି। କିନ୍ତୁ ବିଭାଗୀୟସ୍ତରରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ରାକେଶ ସାହୁ ମନଇଚ୍ଛା ବିଦ୍ୟୁତ ବିଚ୍ଛିନ୍ନ କରି ସଂପୃକ୍ତ ଚାଷୀଙ୍କୁ ହଇରାଣ କରୁଛନ୍ତି। ଏ ସଂକ୍ରାନ୍ତରେ ଚାଷୀମାନେ କାମାକ୍ଷାନଗରରେ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଜଣାଇବା ପରେ ତୁରନ୍ତ ବିଦ୍ୟୁତ ସଂଯୋଗ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ କର୍ମଚାରୀମାନେ ସଂଯୋଗ କରିଥିଲେ। କିନ୍ତୁ ଗତ ୭ ଦିନ ଧରି ବିଦ୍ୟୁତ ବିଚ୍ଛିନ୍ନ କରାଯାଇଥିବାରୁ ଏହା ଉପରେ ନିର୍ଭର କରୁଥିବା ଫସଲଗୁଡିକ ସୁଖି ଅମଳରେ ବ୍ୟାପକ ହାନୀ ହେବାର ଆଶଙ୍କା ରହିଛି। ଏନେଇ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟଧାରା ଉପରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏଭଳି ଯନ୍ତ୍ରୀଙ୍କୁ ତୁରନ୍ତ ଏଠାରୁ ଅପସାରିତ କରିବା ପାଇଁ ଦାବି କରାଯାଇଛି।

### ମନରେଗା ଯୋଜନାରେ ଦୁର୍ନୀତି ଅଭିଯୋଗ

## ପାଉଣା ଅପେକ୍ଷାରେ ଶ୍ରମିକ



ଲାଞ୍ଜିଗଡ: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଘାଟିକୁଣ୍ଡୁରୁ ଗାଁରେ ୨୦୧୮/୧୯ ମସିହାରେ ମନରେଗା ଯୋଜନା ମାଧ୍ୟମରେ ମୁଖ୍ୟ ରାସ୍ତା ଠାରୁ ଗାଁକୁ ମାଟି ରାସ୍ତା ପାଇଁ ଅଟକଳ ମୂଲ୍ୟ ୩ ଲକ୍ଷ ଥିବା ବେଳେ ରାସ୍ତା ମଧ୍ୟ ଅଧପନ୍ତରିଆ ହୋଇ ରହିଛି। ବର୍ତ୍ତମାନ କାମ ମଧ୍ୟ ବନ୍ଦ ଅଛି। ହେଲେ କାମ ବନ୍ଦ ଥିବା ସ୍ୱତ୍ତ୍ୱେ ମଧ୍ୟ କାମ କରିନଥିବା ୪୦ ଜଣଙ୍କ ବ୍ୟାଙ୍କ ଖାତାରେ ଅର୍ଥରାଶି ଜମା କରି ୨ ଲକ୍ଷ ୩୦ ହଜାର ଅର୍ଥ ରାଶି ହଡପ କରାଯାଇଥିବା ଅଭିଯୋଗ ହେଉଛି। ଯେଉଁ ଶ୍ରମିକମାନେ କାମ କରିଛନ୍ତି ସେମାନଙ୍କ ବ୍ୟାଙ୍କ ଖାତାରେ ଅର୍ଥ ରାଶି ଜମା ହେଉନଥିବା ଏବେ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହି ରାସ୍ତା କାମରେ ଗାଁର ଅନେକ ଶ୍ରମିକ ନିୟୋଜିତ ହୋଇ କାମ କରିଛନ୍ତି ହେଲେ ମାସ ମାସ ଧରି ସେମାନେ ପାରିଶ୍ରମିକ ପାଇନାହାନ୍ତି। ଅନ୍ୟ ପଟେ ମନରେଗା ଯୋଜନା ନିୟମ ଅନୁଯାୟୀ ଶ୍ରମିକ ପରିଶ୍ରମ ଅର୍ଥ ୧୫ ଦିନ ଭିତରେ ବ୍ୟାଙ୍କ ଖାତାରେ ଜମା ହେବା ବ୍ୟବସ୍ଥା ରହିଛି। କିନ୍ତୁ ମାସମାସ ଧରି ପାଉନାହାନ୍ତି ଶ୍ରମିକ। ତେବେ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁଁ ଏହିଭଳି ମନରେଗାରେ ଠିକ ସମୟରେ ପାରିଶ୍ରମିକ ନ ମିଳିବା, ଯୋଜନା ନାଁରେ ରଫାଦଫା କରି ଅର୍ଥ ହଡପ ଉଦେଶ୍ୟ ରଖିବା ମୁଖ୍ୟ କାରଣ ବୋଲି ଅଞ୍ଚଳରେ ଆଲୋଚନା ହେଉଛି। ତେବେ ଶ୍ରମିକଙ୍କୁ କେମିତି ପାରିଶ୍ରମିକ ଅର୍ଥରାଶି ମିଳିବ ଏଥିପ୍ରତି ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ବ୍ରିଟିଶ କୁମାର, ସାନ ମାଝୀ, ଶ୍ରାବୁଣୁ ମାଝୀ, ରାମତୁ ମାଝୀ, ନର୍ସିଂ ମାଝୀ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ପାଟଣା-ପିପିଳିଆ  ରାସ୍ତା ପାଲଟିଛି ମରଣ ଯନ୍ତା

ପାଟଣା : ପାଟଣା-ପିପିଳିଆ ପୂର୍ତ୍ତ ବିଭାଗର ୧୦ କିଲୋମିଟର ରାସ୍ତା ମରଣ ଯନ୍ତା ପାଲଟିଛି। ଖବର ଅନୁଯାୟୀ ପୂର୍ତ୍ତବିଭାଗ ସ୍ୱାମ ଛକ ଠାରୁ ପିପିଳିଆ ପର୍ଯ୍ୟନ୍ତ ୧୬ କିମି ରାସ୍ତା ମଧ୍ୟରୁ ସ୍ୱାମରୁ ୧୦ କିମି ରାସ୍ତାର ଉନ୍ନତିକରଣ ଏବଂ ପିଚୁ କରାଯିବା ସକାଶେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ରାସ୍ତା ନିର୍ମାଣ ପାଇଁ ୭ କୋଟିରୁ ଉର୍ଦ୍ଧ୍ୱଟଙ୍କାର ବ୍ୟୟବରାଦ



କରିଥିଲେ। ରାସ୍ତା ନିର୍ମାଣ ଅବଧି ସରିଯାଇଥିଲେ ହେଁ ରାସ୍ତା କାର୍ଯ୍ୟ ଶେଷ ହେଉନାହିଁ। ସମ୍ପୃକ୍ତ ଠିକାଦାର ସଂସ୍ଥା ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ଉନ୍ନତି କରଣ ନାମରେ ରାସ୍ତା ରୁ ପିଚୁ ଉଠାଇ ଦେଇଥିବାରୁ ଲୋକେ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଦୁରାବସ୍ଥାରେ ଧୂଳି ଉଡିବା ପାଇଁ ପାଣି ପକାଇବାର ବ୍ୟବସ୍ଥା ଥିଲେ ହେଁ ସଂସ୍ଥା ପକ୍ଷରୁ ରାସ୍ତାରେ ପାଣି ସିଞ୍ଚନ କରା ଯାଉ ନଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ପୂର୍ତ୍ତବିଭାଗର ଘଟଗାଁ ଏସଡିଓ ମହେଶ୍ୱର ସେଠୀଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ଶୀଘ୍ର ରାସ୍ତା କାର୍ଯ୍ୟ ସାରିବା ପାଇଁ ଚିଠି କରାଯାଇଛି ବୋଲି କହିଛନ୍ତି।

# ମୁଖ୍ୟ ବଜାରର ଅବସ୍ଥା କହୁଛି କଲମପୁର ବିକାଶର କଥା



କଲମପୁର: କଲମପୁର ମୁଖ୍ୟ ବଜାର କହିଲେ ନିର୍ମାଲ୍ୟ କ୍ଷେତ୍ର ଜଗନ୍ନାଥ ମନ୍ଦିର, ଦୁର୍ଗା ମଣ୍ଡପ ସମ୍ମୁଖରେ ଥିବା ସାଂସ୍କୃତିକ ମଞ୍ଚ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରକୁ ବୁଝାଇଥାଏ। ଏହି ଅଞ୍ଚଳର ଅବସ୍ଥା ଏବେ ଦୟନୀୟ। ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଥିବା ଦୋକାନ ଗୃହକୁ ଲାଗି ରହିଛି ନଳକୂଅ। ଯେଉଁ ନଳକୂଅର ପାଣି ସମଗ୍ର ବଜାରର ଲୋକ ବ୍ୟବହାର କରନ୍ତି। କିନ୍ତୁ ସେହି ନଳକୂଅର ବର୍ଜ୍ୟ ପାଣି ନିଷ୍କାସନ ପାଇଁ ନାହିଁ ନାଳିର ବ୍ୟବସ୍ଥା। ଯେଉଁଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ରାସ୍ତା ଉପରେ ପ୍ରବାହିତ ହୁଏ ମଇଳା ପାଣି। ସେହି ଅପରିଷ୍କାର ପାଣି ଡେଇଁ କଲେଜର ଛାତ୍ରଛାତ୍ରୀଙ୍କ ସମେତ ଅନେକ ଲୋକେ ଯାତାୟତ କରନ୍ତି। ଏହାର ବିପରୀତ ଦିଗରେ ରହିଛି ଦୁର୍ଗା ମଣ୍ଡପ ଏବଂ ଥୁଆମୁଳ ରାମପୁର ମୁଖ୍ୟ ରାସ୍ତା। ଏହି ରାସ୍ତା ପାର୍ଶ୍ୱକୁ ଲାଗି ରହିଛି ସାଂସ୍କୃତିକ ମଞ୍ଚ। କିନ୍ତୁ ଏହି ମଞ୍ଚ ନିକଟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଅଳ୍ପ ବର୍ଷାରେ ବେହାଲ ହୁଏ ଏହି ମୁଖ୍ୟ ବଜାରର ଅବସ୍ଥା।

ଏହି ମଞ୍ଚ ପାର୍ଶ୍ୱରେ ରହିଛି ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ସମେତ, ବ୍ୟାଙ୍କ, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବନ, ଅଗ୍ନିଶମ, କୃଷି, ଉଦ୍ୟାନ କୃଷି, ରାଜସ୍ୱ ନିରୀକ୍ଷକଙ୍କ ସମେତ ପଂଚାୟତ କାର୍ଯ୍ୟାଳୟକୁ ଯୋଗାଯୋଗ ପାଇଁ ରାସ୍ତା। ରିତିମତ ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ବିଧାୟକ, ସାଂସଦ ଓ ମନ୍ତ୍ରୀଙ୍କ ସମେତ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଡିଓ ତହସିଲଦାର, ଜିଲାପାଳ ଏବଂ ରାଜ୍ୟସ୍ତରୀୟ ଅଧିକାରୀ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। କିନ୍ତୁ ଏହି ମୁଖ୍ୟ ବଜାର ପ୍ରାଙ୍ଗଣ ଉପରେ କାହାର ଦୃଷ୍ଟି ନପଡ଼ିବା ପରିତାପର ବିଷୟ। ଏହାସହ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ସହ କିଛି ସ୍ଥାନରେ ମଇଳା ଓ ବର୍ଷା ପାଣି ନିଷ୍କାସନ ପାଇଁ ନାଳି ତିଆରି କରାଯାଇଥିଲେ ମଧ୍ୟ ପଂଚାୟତ ତରଫରୁ ନାଳି ସଫା ଦିଗରେ ଗୁରୁତ୍ୱ ଦିଆ ଯାଉନଥିବାରୁ ବହୁ ନାଳି ପୋତି ହେଇ ସାରିଲାଣି। ଯେଉଁଥିପାଇଁ ଅନେକ ସ୍ଥାନରେ ମଇଳା ପାଣି ଯୋଗୁଁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ସରପଞ୍ଚ ନା କେହି ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ଯଦି ଆଗାମୀ ବର୍ଷା ପୂର୍ବରୁ ନାଳି ସଫେଇ ସହ ମୁଖ୍ୟ ବଜାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆନଯାଏ, ତେବେ ଡେଙ୍ଗୁ ମେଲେରିଆ ଭଳି ଗୁରୁତର ସ୍ଥିତି ଉପୁଜିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ବ୍ଲକ ଏବଂ ଜିଲା ପ୍ରାଶସନ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ସାଧାରଣରେ ଦାବି ହେଉଛି।

ଏନେଇ କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ସହ ଯୋଗାଯୋଗ କରାଯାଇଥିଲା ତୁରନ୍ତ କଲମପୁର ମୁଖ୍ୟ ବଜାର ପ୍ରାଙ୍ଗଣ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଇଛି। ଏହି ସୌନ୍ଦର୍ଯ୍ୟକରଣ ସହ ମୁଖ୍ୟ ବଜାରରେ ଯାତ୍ରୀ ପ୍ରତୀକ୍ଷାଳୟ ଓ ଶୌଚାଳୟ ଆଦି ବ୍ୟବସ୍ଥା କରାଯିବ। ତେଣୁ ଏହି ସମସ୍ୟାର ସମାଧାନ ତୁରନ୍ତ ହେବ ବୋଲି ବିଡିଓ ଶ୍ରୀ ମାଣ୍ଡାଙ୍ଗି ମତବ୍ୟକ୍ତ କରିଥିଲେ।

# ମେସିନ କରୁଛି ମନରେଗା କାମ; କାମଧନ୍ଦା ନପାଇ ଦାଦନ ଖଟିବାକୁ ଯାଉଛନ୍ତି ଶ୍ରମିକ

ଦେବଗଡ଼: ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ କର୍ମ ନିଯୁକ୍ତି ପ୍ରଦାନ ଲକ୍ଷ୍ୟରେ କେନ୍ଦ୍ର ସରକାର ସମଗ୍ର ଦେଶରେ କାର୍ଯ୍ୟକାରୀ କରୁଛନ୍ତି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା। ମାତ୍ର କେତେକ ଅସାଧୁ ଗ୍ରାମ ରୋଜଗାର ସେବକ, ପଂଚାୟତ ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ଦୁର୍ନୀତିଖୋର ମନୋଭାବ, ରାଜନେତାଙ୍କ ପ୍ରତି ଅନୁକମ୍ପା ଓ ଠିକାଦାର ପ୍ରୀତି ଯୋଗୁଁ ରାଜ୍ୟର ଅନ୍ୟତମ ଅନୁନ୍ନତ ତଥା ଶ୍ରମିକ ବହୁଳ ଦେବଗଡ଼ ଜିଲ୍ଲାରେ ଏହି ଯୋଜନା ପ୍ରହସନରେ ପରିଣତ ହୋଇଛି। ଏହି କ୍ରମରେ ଦେବଗଡ଼ ଜିଲାର ରିଆମାଳ ବ୍ଲକ ବୁଢ଼ାପାଳ ଗ୍ରାମପଂଚାୟତର ଗମ୍ଭାରୀପାଳ ଖେଳପଡ଼ିଆର ଉନ୍ନତିକରଣ କାର୍ଯ୍ୟରେ ମଧ୍ୟ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ସରକାରୀ ନୀତି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇ ଶ୍ରମିକ ବଦଳରେ ଦିନ ଦ୍ୱିପ୍ରହରେ ମେସିନ ବ୍ୟବହାର କରାଯାଇ ଉକ୍ତ ଖେଳପଡ଼ିଆର ଉନ୍ନତିକରଣ କରାଯାଉଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ଗମ୍ଭାରୀପାଳ ଖେଳପଡ଼ିଆର ଉନ୍ନତିକରଣ ନିମନ୍ତେ ସରକାର ୨୦୨୧-୨୨ ଆର୍ଥିକ ବର୍ଷରେ ମନରେଗା ଯୋଜନାରୁ ମୋଟ ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ଶ୍ରମିକମାନଙ୍କ ଦ୍ୱାରା ଉକ୍ତ ଖେଳପଡ଼ିଆର ଉନ୍ନତିକରଣ କରାଯିବା କଥା। ମାତ୍ର ବିଡମ୍ବନାର ବିଷୟ ଏହା ଯେ, ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ଦିନ ଦ୍ୱିପ୍ରହରେ ମାଟିଖୋଳା ମେସିନ ସାହଯ୍ୟରେ ଏହି କାର୍ଯ୍ୟ କରାଯାଉଛି। ଫଳରେ କାମଧନ୍ଦା ଅଭାବରୁ ହାତବାନ୍ଧି ବସିଥିବା ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ନୈରାଶ୍ୟ ଭାବ ପ୍ରକାଶ ପାଇଛି। ଶ୍ରମିକମାନେ ଉକ୍ତ ମନରେଗା କାର୍ଯ୍ୟରେ ମେସିନ ନିୟୋଜନ ସମ୍ପର୍କରେ ଗ୍ରାମ ରୋଜଗାର ସହାୟିକା ଓ ପଂଚାୟତ



ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଂଚଳବାସୀ ଅଭିଯୋଗ କରୁଛନ୍ତି। ତେବେ ଏ ସମ୍ପର୍କରେ ମତାମତ ପାଇଁ ବୁଢ଼ାପାଳ ଗ୍ରାମପଂଚାୟତର ଗ୍ରାମ ରୋଜଗାର ସହାୟିକା ଲଜିତା ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଏହା ସମ୍ଭବ ହୋଇନାହିଁ।

ସେହିପରି ପଂଚାୟତ ନିର୍ବାହୀ ଅଧିକାରୀ ତୁଳନ ସିଂ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଏନେଇ ସେ କୌଣସି ଉତ୍ତର ଦେବାକୁ ଉଚିତ ମଣିନାହାନ୍ତି। ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ରିଆମାଳ ବ୍ଲକର କନିଷ୍ଠ ଯନ୍ତ୍ରୀ ବୁଦ୍ଧଦେବ ଜେନା ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଉରୁ ଏକ୍କାଙ୍କ ମତାମତ ଲୋଡିବାରୁ ଏ ବିଷୟରେ ବୁଝିବା ପରେ କହିବେ ବୋଲି ଉଭୟେ ଉତ୍ତର ଦେଇଛନ୍ତି। ତେବେ ସେ ଯାହା ହେଉନା କାହିଁକି ଦିନ ଦ୍ୱିପ୍ରହରରେ ସର୍ବସମ୍ମୁଖରେ ମେସିନ ସହାୟତାରେ ମନରେଗା କାର୍ଯ୍ୟ କରାଯାଉଥିବାରୁ ଏହାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଅନ୍ୟ ପକ୍ଷରେ କାମ ଧନ୍ଦା ଅଭାବରୁ ଜିଲ୍ଲାର ଶହଶହ ଶ୍ରମିକ କାମଧନ୍ଦା ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଉଥିବା ବେଳେ ଏହି ଯୋଜନାରେ ହେଉଥିବା ନିର୍ମାଣ କାର୍ଯ୍ୟରେ ମେସିନ ବ୍ୟବହାର ଓ ଏଭଳି ଅନିୟମିତତାକୁ ଯନ୍ତ୍ରୀମାନଙ୍କ ସମର୍ଥନ ଜନସାଧାରଣଙ୍କୁ ଚକିତ କରିଛି। ଏଣୁ ଦେବଗଡ଼ ଜିଲ୍ଲାପାଳ ନିଜେ ଏ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ରିଆମାଳ ବ୍ଲକରେ ମନରେଗା ଯୋଜନାରେ ବଢ଼ିଚାଲିଥିବା ଦୁର୍ନୀତିକୁ ରୋକାଯାଇ ପାରିବ ଓ ଶ୍ରମିକମାନେ ନିୟମିତ କାମଧନ୍ଦା ପାଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସରକାରୀ ଜମିରୁ ଅବାଧ ମାଟି ଚାଲାଣ; ମଧ୍ୟସ୍ଥି ମାଲେମାଲ

ଗୁରୁଡିଝାଟିଆ : ଆଠଗଡ ତହସିଲ ଅନ୍ତର୍ଗତ ନିଧିପୁର ଏବଂ ଓରନ୍ଦା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଞ୍ଚଳରୁ ଅବାଧରେ ସରକାରୀ ଜମିରୁ ଶହଶହ ଟ୍ରକ ମାଟି ଚୋରା ଚାଲାଣ ହେଉଛି । ଏଥିରେ ମୁଖ୍ୟ କାର୍ପଟଦାର ସାଜିଛନ୍ତି ପଞ୍ଚାୟତସ୍ତରୀୟ ଦଲାଲ। ଠିକାଦାର ସହିତ ମଧ୍ୟସ୍ଥତା କରି ସ୍ୱଳ୍ପ ସମୟ ଭିତରେ ବେଶ ଦିପଇସା ହାତେଇ ମାଲାମାଲ ହେଉଛନ୍ତି । ହେଲେ ତହସିଲ କର୍ତ୍ତୃପକ୍ଷ ଜଳକା ହୋଇ ଚାହିଁ ବସିଛନ୍ତି । ଏହାଦ୍ୱାରା ରାଜସ୍ୱ ବିଭାଗର ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହାନି ଘଟୁଛି ।

ଏଭଳି ଚିତ୍ର ଦେଖିବାକୁ ମିଳିଛି ଓରନ୍ଦା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିସରଭୁକ୍ତ ନାରଙ୍ଗବସ୍ତ ଗାଁ ଠାରୁ ୨ଶହ ମିଟର ଦୂରତାରେ ଥିବା ଏକ ସରକାରୀସ୍ଥାନରୁ ବେଆଇନ ଭାବରେ ମାଟି ଚାଲାଣ ହେଉଛି ସ୍ପଷ୍ଟ ଦିବାଲୋକରେ। ଅନୁରୂପ ଭାବରେ ନିଧିପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ



ସୁବର୍ଣ୍ଣମଞ୍ଜରୀପୁର ଗାଁ ଠାରୁ ଅଳ୍ପ ଦୂରରେ ସରକାରୀ ଜମିରୁ ଚାଲିଛି ବେଧଡକ ମାଟି ଚାଲାଣ । ଏଭଳି ସରକାରୀ ଜମିରୁ ବେଆଇନ ମାଟି ଚାଲାଣ ହେଉଥିଲେ ମଧ୍ୟ କିଭଳି ଆଠଗଡ ତହସିଲ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁନି ତାହା ବୁଝାପଡୁନାହିଁ । ଉପରୋକ୍ତ ୨ଟି ସ୍ଥାନରୁ ମାଟି ଚାଲାଣ ହେଉଛି ରାସ୍ତାକାମ ନେଇଥିବା ଠିକାଦାର ସଂସ୍ଥାମାନଙ୍କୁ। ପ୍ରକାଶଯୋଗ୍ୟ ଏବେ ପୁରୁଣା କଟକ-ସମ୍ବଲପୁର ରାସ୍ତାର ସଂପ୍ରସାରଣ କାର୍ଯ୍ୟ ଚାଲୁଅଛି । ନୂଆପାଟଣା ଠାରୁ ଧବଳେଶ୍ୱର ଓ କଖଡି ଦେଇ ଆଠଗଡ ପର୍ଯ୍ୟନ୍ତ ରାସ୍ତ କାର୍ଯ୍ୟ ସଂପ୍ରସାରିତ ହେଉଅଛି । ରାସ୍ତାକୁ ଉଚ୍ଚା ଓ ପ୍ରସସ୍ତ କରିବା ପାଇଁ ମାଟି ଆବଶ୍ୟକତା ଥିବାରୁ ଠିକାଦାର ଓ କିଛି ଦଲାଲଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଗଢି ଉଠିଥିବାରୁ ସରକାରୀ ଜମିରୁ ମାଟି ଚୋରା ଚାଲାଣ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି । ରାସ୍ତା କାର୍ଯ୍ୟ ଠିକାଦାରୀ ନେଇଥିବା ସଂସ୍ଥା ସରକାରୀ ନିୟମ ବିଧିମୁତାବକ ଆଠଗଡ ତହସିଲ କର୍ତ୍ତୃପକ୍ଷଙ୍କ ଜରିଆରେ ଶୁଳ୍କ ବା ରୟାଲିଟି ଦେଇ କଣ ପାଇଁ ମାଟି ଉଠାଉନାହାନ୍ତି ବୋଲି ବୁଦ୍ଧିଜିବୀମାନେ ପ୍ରଶ୍ନ କରିଛନ୍ତି। ଆଠଗଡ ତହସିଲ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ ଜମିରୁ ମାଟି ଉଠା ଯାଇଥିବା ସ୍ଥାନର ଅନୁଧ୍ୟାନ ପୂର୍ବକ ତଦନ୍ତ କରି ବିହିତ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଜନସାଧାରଣ ଦାବି କରିଛନ୍ତି।

## ଗଦାଧରପୁର ପ୍ରକଳ୍ପରୁ ମିଳୁନି ପର୍ଯ୍ୟାପ୍ତ ପିଇବା ପାଣି; ମୋଟର ଲଗାଇ ଶୋଷି ନେଉଛନ୍ତି ଜଳ



ତିଗିରିଆ: ତିଗିରିଆ ବ୍ଲକ ଗଦାଧରପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ପାନୀୟ ଜଳ କଷ୍ଟ ଲୋକଙ୍କ ଦୁଃଖ ବଢ଼ାଇ ଦେଉଛି। ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଆସିଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ପର୍ଯ୍ୟାପ୍ତ ଜଳ ସଂଗ୍ରହ ହୋଇ ପାରୁ ନଥିବା ବେଳେ ଅନେକ ବ୍ୟକ୍ତି ବେଆଇନ ଭାବେ ଘରକୁ ପାଇପ ସଂଯୋଗ କରି ମୋଟର ଯୋଗେ ଆବଶ୍ୟକତାଠାରୁ ଅଧିକ ଜଳ ଶୋଷି ନେଉଥିବା ଅଭିଯୋଗ ହେଉଛି। ଯାହା ଫଳରେ ଅନେକ ସ୍ଥାନକୁ ଜଳ ପହଞ୍ଚି ପାରୁନାହିଁ। ଲୋକେ ପିଇବା ପାଣି ପାଇଁ ଦହଗଞ୍ଜ ହେଉଛନ୍ତି।

ପ୍ରକଳ୍ପ ଆରମ୍ଭରୁ ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହାର ସମାଧାନ କରାଯାଉନାହିଁ। ଅପରପକ୍ଷେ ପ୍ରତ୍ୟହ ଯେଉଁ ଦୁଇ ଓଳି ଜଳ ଯୋଗାଣ ହେଉଛି, ତାହା ମଧ୍ୟ ସମସ୍ତଙ୍କୁ ମିଳିବା ସମ୍ଭବ ହେଉନାହିଁ। ପ୍ରକଳ୍ପର ଉପର ମୁଣ୍ଡରେ କିଛି ବ୍ୟକ୍ତି ପାଇପରୁ ମୋଟର ସଂଯୋଗ କରି ପାଣି ଟାଣି ନେଇ ଯାଉଥିବାରୁ ଗ୍ରାମର ତଳମୁଣ୍ଡରେ ଥିବା ଅନେକ ଲୋକଙ୍କ ପାଖରେ ପାନୀୟ ଜଳ ପହଞ୍ଚି ପାରୁନି । ତା'ସହିତ କେତେକ ସ୍ଥାନରେ ନିର୍ମିତ ଷ୍ଟାଣ୍ଡ ପୋଷ୍ଟଗୁଡିକର ଟ୍ୟାପ ନଥିବାରୁ ଅନବରତ ପାଣି ବୋହି ଯାଉଛି। ତେଣୁ ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି । ଏଥିପାଇଁ ପ୍ରତିବର୍ଷ ଗ୍ରୀଷ୍ମ ସମୟରେ ଗଦାଧରପୁର ଜନସାଧାରଣ ଜଳକଷ୍ଟ ଭୋଗ କରୁଥିବା ଥିବାବେଳେ ଚଳିତବର୍ଷ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି । ମୋଟର ଦ୍ୱାରା ପାଣି ଟାଣି ନେଉଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତଥା ସବୁ ଅଞ୍ଚଳରେ ଆବଶ୍ୟକ ପରିମାଣରେ ପାନୀୟ ଜଳ ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତ ପକ୍ଷରୁ ମୋଟର ଦ୍ୱାରା ପାନୀୟ ଜଳ ସଂଗ୍ରହ କରୁଥିବା ଲୋକଙ୍କୁ ଅନେକବାର ସଚେତନ କରାଯାଇଥିଲେ ମଧ୍ୟ ଏଥିପ୍ରତି କେହି ଭ୍ରୁକ୍ଷେପ କରୁନଥିବା ଜଣାପଡ଼ିଛି।

### ବନୀକରଣ ନାଁରେ ଦୁର୍ନୀତି ଅଭିଯୋଗ : କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀପତ୍ର

## ହରଭଙ୍ଗା ବ୍ଲକରେ ମନରେଗା ଦୁର୍ନୀତିର ଫିଟୁଛି ଗୁମର

ହରଭଙ୍ଗା : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ମନରେଗା କାର୍ଯ୍ୟରେ ଆଖିବୁଜା ଦୁର୍ନୀତି ଚାଲିଥିବା ବାରମ୍ବାର ଅଭିଯୋଗ ଉଠୁଛି ।କିଛିଦିନ ତଳେ ଲୁଣିବାହାଲ ପଂଚାୟତରେ ମନରେଗା ଯୋଜନାରେ ବିନା କାମରେ ରାସ୍ତା ଏବଂ ବନ୍ଧ ବିଲ ପଇଠକୁ ନେଇ ତୁମ୍ବି ତୋଫାନ ଥମିନାହିଁ। ଏଭଳି ପରିସ୍ଥିତିରେ ସମାନ ପଂଚାୟତରୁ ମନରେଗା ଯୋଜନାରେ ବନୀକରଣ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି କେତେଜଣ ଗ୍ରାମବାସୀ ବୌଦ୍ଧ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସୋମବାର ଫେରାଦ ହୋଇଥିବା ଜଣାପଡିଛି । ଲୁଣିବାହାଲ ପଂଚାୟତର ସନ୍ତୋଷ ପ୍ରଧାନ,ଅନିଲ ଭୋକ୍ତା,କେଶବ ଭୋକ୍ତା ପ୍ରମୁଖଙ୍କ ଅଭିଯୋଗ ଅନୁସାରେ ୨୦୨୦-୨୧ ଆର୍ଥୀକ ବର୍ଷରେ ତତକାଳୀନ ସରପଂଚଙ୍କ ସମୟରେ ମନରେଗା ଯୋଜନାରେ ବନୀକରଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଛି । କଟିଂଆପଦର ଠାରୁ ତାଳପଦର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ବନୀକରଣ, ଜାତୀୟ ରାଜପଥଠାରୁ ମଧୁସୁଦରନପୁର ରାସ୍ତା ପାର୍ଶ୍ୱ ବନୀକରଣ, ଜାତୀୟରାଜପଥ ଲୁଣିବାହାଲ ଠାରୁ ଭୂତେଶ୍ୱରମନ୍ଦିର ରାସ୍ତା ପାଶ୍ୱର୍ ବନୀକରଣ,ବଡବନ୍ଧ କନ୍ୟାଶ୍ରମ ବିଦ୍ୟାଳୟର ଖେଳପଡିଆ ଚର୍ତୁପାର୍ଶ୍ୱ ବନୀକରଣ ଏବଂ ବାରବାଣି ପ୍ରାଥମିକ ବିଦ୍ୟାଳୟ ଚର୍ତୁପାର୍ଶ୍ୱ ବନୀକରଣରେ ଦୁର୍ନୀତି ହୋଇଥିବା ଅଭିଯୋଗକାରୀ ଜିଲ୍ଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହାର ତଦନ୍ତକରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବୀ କରଛନ୍ତି। ସୂଚନା ଥାଉ ଯେ କିଛିଦିନ ତଳେ ଏହି ପଂଚାୟତରୁ ମନରେଗା ଯୋଜନାରେ ମାଟି, ମୋରମ୍ ରାସ୍ତା ସହିତ ବନ୍ଧ ଆଦି ନିର୍ମାଣ କାର୍ଯ୍ୟରେ ବିନା କାମରେ ସରପଂଚ ଏବଂ ପିଇଓଙ୍କ ଜରିଆ ?ରେ ଲକ୍ଷାଧିକ ଟଙ୍କା ପଇଠ ହୋଇଥିବା ମନରେଗା ଆମ୍ବୁଡସମ୍ୟାନ ଏବଂ ବି.ଡି.ଓଙ୍କ ନିକଟରେ ଅଭିଯୋଗ ଉଠିଥିଲା। ଏହି ଘଟଣାରେ ଦାୟିତ୍ୱରେଥିବା ଜଣେ ଜିଆରଏସଙ୍କୁ ରାତିଅଧିଆ ବଦଳି କରି ଦିଆଯାଇଥିଲା ।ମାତ୍ର ବିନା କାର୍ଯ୍ୟରେ କିପରି ଲକ୍ଷାଧିକ ଟଙ୍କା ବିଲ ପଇଠହେଲା ସେ ଦିଗରେ ତଦନ୍ତ କରାଯିବା ପରିବର୍ତେ ଏହାକୁ ଚାପିଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୁଣି ଗୋଟିଏ ପଂଚାୟତରୁ ଏଭଳି ଦୁର୍ନୀତି ଘଟଣାର ପୁନରାବୃତ୍ତି ଅଭିଯୋଗକୁ ନେଇ ଏହା ବିଜେପି ଏବଂ ବିଜେଡି ଗୋଷ୍ଠି ମଧ୍ୟରେ କଳହ ଆରମ୍ଭ ହୋଇଥିବା ଆଲୋଚନା ମଧ୍ୟ ଜୋର ଧରିଛି। ପ୍ରକୃତ ଘଟଣାଗୁଡିକ ଉପରେ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଗଲେ ଏହା ପଛରେ ରହିଥିବା ବଡ ବଡ ମାଛଙ୍କ ମୁଖା ଖୋଲନ୍ତା ବୋଲି ସବୁଠି ଚର୍ଚ୍ଚା ଚାଲିଛି ।

## ସଫେଇ ହେଉନି ଡ୍ରେନ ଆବର୍ଜନା; ଅଚଳକୋଟରେ ପରିମଳ ବିପର୍ଯ୍ୟସ୍ତ

ତିଗିରିଆ: ତିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ଗ୍ରାମ ସାନପାଟଣାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଗ୍ରାମରେ ଥିବା ଡ୍ରେନ ସମୂହ ଦୀର୍ଘ ବର୍ଷ ହେଲା ସଫେଇ ହୋଇନଥିବାରୁ ଆବର୍ଜନା ଜଳ ରାସ୍ତାକୁ ଉଛୁଳି



ପରିମଳ ବିଗାଡି ଦେଇଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଗ୍ରାମରେ ପରିମଳ ସ୍ୱଚ୍ଛତା ଏବଂ ବର୍ଷା ଦିନିଆ ଜଳ ନିଷ୍କାସନ ପାଇଁ ୨୦୦୭ ମସିହାରେ ଡ୍ରେନ୍ ବ୍ୟବସ୍ଥା କରାଯାଇଥିଲା। ଲୋକଙ୍କ କହିବା ମୁତାବକ, ସେବେଠାରୁ ଡ୍ରେନ ଆଦୌ ସଫେଇ ହୋଇନାହିଁ। ଯାହା ଫଳରେ ଡ୍ରେନରେ ଅଳିଆ ଆବର୍ଜନା ସାଙ୍ଗକୁ ବର୍ଜ୍ୟବସ୍ତୁରେ ପୁରି ଯିବା ସହିତ ବର୍ଜ୍ୟ ଜଳ ନିଷ୍କାସନ ହୋଇ ନ ପାରି ନାଳ ଉଛୁଳି ରାସ୍ତା ଉପରେ ମାଡୁଛି। ଯାହା ଫଳରେ ଅପରିଷ୍କାର ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଗାଁ ଗହଳିରେ ଏଭଳି ପରିସ୍ଥିତିରେ ଲୋକମାନଙ୍କ ଯାତାୟତରେ ବହୁତ ସମସ୍ୟା ସୃଷ୍ଟି ହେଉଛି। ଖରାଦିନେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ବର୍ଷାଦିନିଆ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଚାସଢ଼ା ଆବର୍ଜନା ଜମି ରହି ସନ୍ଧ୍ୟାପରେ ମଶା ଡାଆଁଶଙ୍କ ପ୍ରାଦୁର୍ଭାବ ବଢୁଛି। ଡ୍ରେନ ସଫା କରାନଗଲେ ଆଗାମୀ ଦିନରେ ଲୋକମାନେ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ବହୁ ସମ୍ଭାବନା ରହିଛି। ଏଣୁ ଏ ଦିଗରେ ପଞ୍ଚାୟତ ତଥା ଗାଁ କଲ୍ୟାଣ ସମିତି ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ମନରେଗା ପୋଖରୀ ଉନ୍ନତିକରଣ କାର୍ଯ୍ୟ କରୁଛି ଜେସିବି

ଗ୍ରାମାଞ୍ଚଳର ବିକାଶ ସମେତ ଓ କାମଧନ୍ଦା ପାଉନଥିବା ଶ୍ରମିକଙ୍କୁ କର୍ମ ନିଯୁକ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା(ମନରେଗା) ଆରମ୍ଭ କରିଛନ୍ତି। ମାତ୍ର କେତେକ ନିର୍ଦ୍ଦିଷ୍ଟ ଅସାଧୁ କର୍ମଚାରୀ, ଯନ୍ତ୍ରୀ ଓ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଦେବଗଡ଼ ଜିଲାରେ ଏହି ଯୋଜନା ପ୍ରହସନରେ ପରିଣତ ହୋଇଛି। ଶ୍ରମିକମାନେ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ ହେଁ ମନରେଗା ଅଧିନସ୍ଥ ନିର୍ମାଣ କାର୍ଯ୍ୟରେ ଶ୍ରମିକମାନଙ୍କୁ ନିୟୋଜିତ କରାନଯାଇ ଦିନ ଦ୍ୱିପ୍ରହରରେ ମେସିନ ସାହାଯ୍ୟରେ ନିର୍ମାଣ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଶ୍ରମିକମାନେ କାମଧନ୍ଦାରୁ ବଞ୍ଚିତ ହେବାସହ ଯେଉଁ ଉଦ୍ଦେଶ୍ୟ ନେଇ ଏହି



ମନରେଗା ଯୋଜନା ଆରମ୍ଭ ହୋଇଛି ତାହା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ଏହି କ୍ରମରେ ତିଲେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମପଂଚାୟତର ମହୁଲଦର୍ହ ଗ୍ରାମରେ ଚାଲିଥିବା ପୋଖରୀ(ଅମୃତ ସରୋବର) ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ମନରେଗା ଯୋଜନାରେ ହେଉଥିବା ଉକ୍ତ ପୋଖରୀ ଖୋଳା କାର୍ଯ୍ୟ ଶ୍ରମିକ ବଦଳରେ ଦିନ ଦ୍ୱିପ୍ରହରରେ ମେସିନ ସହାୟତାରେ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପୋଖରୀର ଉନ୍ନତିକରଣ ନିମନ୍ତେ ସରକାର ୨୦୨୨-୨୩ ଆର୍ଥିକ ବର୍ଷରେ ମନରେଗା ଯୋଜନାରୁ ୧୦ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମାତ୍ର ନିୟମ ଅନୁଯାୟୀ ଶ୍ରମିକମାନଙ୍କ ଦ୍ୱାରା ଉକ୍ତ ପୋଖରୀର ଉନ୍ନତିକରଣ କରାନଯାଇ ଦିନ ଦ୍ୱିପ୍ରହରରେ ମେସିନ ସହାୟତାରେ ଖୋଳାଯାଉଥିବା ଦେଖିବାକୁ ମିଳୁଛି। ଫଳରେ କାମଧନ୍ଦା ଅଭାବରୁ ହାତ ବାନ୍ଧି ବସିଥିବା ଶ୍ରମିକମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଏବଂ ନିରାଶାଭାବ ପ୍ରକାଶ ପାଇଛି। ସେହିପରି ଏନେଇ ସେମାନେ ତାଳକୁଣ୍ଡି ଗ୍ରାମପଞ୍ଚାୟତର ଗ୍ରାମ ରୋଜଗାର ସେବକ, ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ଏପରିକି ତିଲେଇବଣି ବ୍ଲକର ବିଡିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଶ୍ରମିକମାନଙ୍କ ମନରେ ତୀବ୍ର ଅସନ୍ତୋଷ ଏବଂ ନିରାଶା ଭାବ ପ୍ରକାଶ ପାଇଛି।

# ଇନଫୋସିସ୍ ଚାକିରି ଛାଡ଼ି ହେଲେ ବାଇଗଣ ଚାଷୀ

ଅନେକ ଲୋକ ସେମାନଙ୍କ ଜୀବନର ନିଶା ବା ପ୍ୟାସନ ସମ୍ପର୍କରେ କହି ପାରିବେ ନାହିଁ। କିନ୍ତୁ ସେମାନଙ୍କୁ ବଞ୍ଚିବା ପାଇଁ ନିଜ ଇଚ୍ଛା ବିରୋଧରେ ମଧ୍ୟ ଅନେକ କିଛି କାମ କରିବାକୁ ପଡ଼େ। ବେଳେବେଳେ ଇଚ୍ଛା ଶକ୍ତି ଓ ନିଶା ମଧ୍ୟ ଜୀବନର ଗତିପଥକୁ ବଦଳାଇ ଦିଏ। ଇଚ୍ଛା ଶକ୍ତି ବାଜିମାତ ମଧ୍ୟ କରେ। ଏକଥା ସମସ୍ତେ ଜାଣିଛନ୍ତି।

କିନ୍ତୁ ଏମିତି ଖୁବ କମ ଲୋକ ଅଛନ୍ତି, ଯେଉଁମାନେ ନିଜର ନିଶା ବା ସ୍ୱପ୍ନ ପୂରଣ କରିବା ପାଇଁ ଭଲ ଚାକିରି ଛାଡ଼ିବାକୁ ସାହାସ ଦେଖାପାରନ୍ତି। ଅନେକ ଏପରି ସାହାସ ଦେଖାଇ ହଇରାଣ ହୋଇଛନ୍ତି ତ ଆଉ କିଛି ସଫଳତା ମଧ୍ୟ ପାଇଛନ୍ତି। ଏମିତି ସାହାସ ଦେଖାଇ ନିଜ କମ୍ଫଟଜୋନରୁ ବାହାରି ଅଲଗା କିଛି କରିଥିବା ବ୍ୟକ୍ତି ହେଉଛନ୍ତି ଭେଙ୍କଟସାମୀ ବିଗ୍ନେଶ।

ସେ ଇନଫୋସିସ ଭଳି ବଡ଼ କମ୍ପାନୀରେ ମୋଟ ଅଙ୍କର ଦରମା ପାଇ କାମ କରୁଥିଲେ। କିନ୍ତୁ ନିଜର ପ୍ୟାସନ ପାଇଁ ସେ ଏହାକୁ ଛାଡ଼ି ଏବେ ବାଇଗଣ ଚାଷୀ ବନି ଯାଇଛନ୍ତି। ଜାପାନରେ ସେ ନିଜକୁ ଜଣେ ସଫଳ ବାଇଗଣ ଚାଷୀ ଭାବେ ଗଢ଼ି ତୋଳିଛନ୍ତି। ଏଥିସହ ଇନଫୋସିସ୍ ତାଙ୍କୁ ଯେତିକି ଦରମା ଦେଉଥିଲା, ତା'ଠାରୁ ବିଗ୍ନେଶ ଅଧିକ ଦୁଇ ଗୁଣା ଟଙ୍କା ରୋଜଗାର କରୁଛନ୍ତି।

ମନିକଣ୍ଟ୍ରୋଲରେ ପ୍ରକାଶିତ ରିପୋର୍ଟ ଅନୁସାରେ, ବିଗ୍ନେଶଙ୍କ ଘର ତାମିଲନାଡୁ। ସେ ଜଣେ ଚାଷୀ ପରିବାରର ପିଲା। ପିଲାଟି ବେଳୁ ସେ ଚାଷକୁ ଭଲ ପାଇ ଆସିଥିଲା। କିନ୍ତୁ ପାଠପଢ଼ା ପ୍ରତି ମଧ୍ୟ ତାଙ୍କର ବେଶ ଆଗ୍ରହ ଥିଲା। ସେ ନିଜର ଶିକ୍ଷା ଶେଷ କରିବା ପରେ ଇନଫୋସିସରେ ଚାକିରି ପାଇଥିଲେ। ଏହି ଖବର ପରେ ତାଙ୍କ ବାପା ମା' ବେଶ ଖୁସି ହୋଇଯାଇଥିଲେ। କନ୍ତୁ ଏହି ଯୁବକ ଜଣଙ୍କ




ଚାକିରି ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ ଓ ଚାଷ ପ୍ରତି ଥିବା ତାଙ୍କ ଭଲ ପାଇବାକୁ ଆଗକୁ ନେବାକୁ ଚାହିଁଥିଲେ।

ମହାମାରୀ କରୋନା ଲକଡାଉନ ବେଳେ ବିଗ୍ନେଶ କର୍ପୋରେଟ ଚାକିରି ଛାଡ଼ିଥିଲେ ଓ ଚାଷୀ ବନିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ସେ କହିଛନ୍ତି, "କୃଷି କ୍ଷେତ୍ର ପ୍ରତି ମୋର ସବୁବେଳେ ଭଲ ପାଇବା ଥିଲା। ଲକଡାଉନ ସମୟରେ ମୋ ଭଲ ପାଇବା ପ୍ରତି ରହିଥିବା ଦୂରତା କମିଥିଲା। ମୁଁ ମୋ ପରିବାର ଲୋକଙ୍କ ଫାର୍ମକୁ ଯିବା ଆରମ୍ଭ କରିଥିଲି ଓ ଚାଷକୁ ଅଧିକ ଭଲ ପାଇଥିଲି।"

ବିଗ୍ନେଶ ଚାଷ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ମଧ୍ୟ ପରିବାର ଲୋକ ଏହାକୁ ବିରୋଧ କରିଥିଲେ। ଚାଷ କାମରେ ଅଧିକ ଟଙ୍କା ନାହିଁ ଓ ସେମାନେ ବିଗ୍ନେଶଙ୍କୁ ସ୍ଥିର ଆୟ ପାଇଁ ଇନଫୋସିସ୍‌ରେ କାମ କରିବାକୁ ପରାମର୍ଶ ଦେଇଥିଲେ।

ତେବେ ୨୭ ବର୍ଷୀୟ ବିଗ୍ନେଶଙ୍କ ପାଖକୁ ଜାପାନରୁ ଆସିଥିଲା ବଡ଼ ସୁଯୋଗ। ଜାପାନ ଭାଷା ଓ ସଂସ୍କୃତି ସମ୍ପର୍କରେ ଗୋଟିଏ ଇନଷ୍ଟିଚ୍ୟୁଟ ତାଲିମ ଦେଉଥିବା ବିଗ୍ନେଶଙ୍କୁ ତାଙ୍କର ଜଣେ ବନ୍ଧୁ କହିଥିଲେ। ଉକ୍ତ ସଂସ୍ଥା ଶିକ୍ଷା ଗ୍ରହଣ କରୁଥିବା ପିଲାମାନଙ୍କୁ ଜାପାନରେ ଚାକିରି ପ୍ରଦାନରେ ମଧ୍ୟ ସହାୟତା କରିଥାଏ। ବିଗ୍ନେଶ ସେଠାରେ ନାମ ଲେଖାଇଥିଲେ ଓ ତାଙ୍କ ପରିଶ୍ରମ ସଫଳତା ଆଣି ଦେଇଥିଲା।

୬ ମାସର ଟ୍ରେନିଂ ପରେ ବିଗ୍ନେଶଙ୍କୁ ଜାପାନରୁ ଆସିଥିଲା ଚାକିରି ଅଫର। ସେ ଗୋଟିଏ ବାଇଗଣ ଫାର୍ମରେ ଚାକିରି ପାଇଥିଲେ। ଏବେ ସେ ସେଠାରେ କାମ କରି ମାସିକ ୮୦ ହଜାର ଟଙ୍କା ପାଉଛନ୍ତି। କିନ୍ତୁ ଇନଫୋସିସ ତାଙ୍କୁ ମାସିକ ୪୦ ହଜାର ଟଙ୍କା ଦେଉଥିଲେ।

ବିଗ୍ନେଶ କହିଛନ୍ତି, "ଏଠାରେ ମୁଁ କମ୍ପାନୀରେ କ୍ୱାର୍ଟର୍ସରେ ମାଗଣାରେ ରହୁଛି। କିନ୍ତୁ ମୋ ଖାଇବା ଖର୍ଚ୍ଚ ଦରମାରୁ କଟୁଛି।" ବିଗ୍ନେଶ ସବୁଦିନ ପାଇଁ ଜାପାନରେ ରହିବା ମୁଡରେ ନାହାନ୍ତି। କମ୍ପାନୀ ସହ ଚୁକ୍ତି ସରିବା ପରେ ସେ ଚାକିରି ଛାଡ଼ି ଭାରତ ଆସିବେ। ଏଠାରେ ସେ ଜାପାନରେ ଶିଖିଥିବା ଚାଷ ଶୈଳୀକୁ ବ୍ୟବହାର କରି କାମ କରିବେ ବୋଲି କହିଛନ୍ତି।

## ମେ' ପହିଲାରୁ ବଢ଼ିବ ଖୁଆ, ଛେନା ଓ ପନିର ଦର




ଭୁବନେଶ୍ୱର: କ୍ଷୀରଦର ବଢ଼ିଥିବାରୁ ଦୁଗ୍ଧଜାତ ଦ୍ରବ୍ୟର ବୃଦ୍ଧି ପାଇଛି। ମେ' ୧ରୁ ବଢ଼ିବ ଦୁଗ୍ଧଜାତ ଦ୍ରବ୍ୟର ଦର ବୃଦ୍ଧି ପାଇବ। ଏ ନେଇ କଟକ ଜିଲା ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି। ସଂଘର ନିଷ୍ପତ୍ତି ଅନୁସାରେ ଛେନା କେଜି ୨୦ ଟଙ୍କା ବଢ଼ିଛି। ବର୍ତ୍ତମାନ ଛେନା କେଜି ପ୍ରତି ୧୭୫ ଟଙ୍କା ରହିଥିବାବେଳେ ବଢ଼ିବା ପରେ ଏହା ୧୯୫ଟଙ୍କା ହେବ। ସେହିପରି ପନିର କେଜି ୩୦ଟଙ୍କା ବଢ଼ିଛି। ବର୍ତ୍ତମାନ ପନିର କେଜି ୨୨୫ଟଙ୍କା ରହିଥିବାବେଳେ ବର୍ଦ୍ଧିତ ଦର ଲାଗୁ ହେବା ପରେଏହା ୨୫୫ଟଙ୍କାରେ ପହଞ୍ଚିବ। ଅପରପକ୍ଷରେ ସବୁଠୁ ଅଧିକ ଖୁଆ କେଜି ୬୦ଟଙ୍କା ବୃଦ୍ଧି କରାଯାଇଛି। ବର୍ତ୍ତମାନ ଖୁଆ କେଜି ଦର ୨୬୦ଟଙ୍କା ରହିଥିବାବେଳେ ବଢ଼ିଥିବା ଦର ଲାଗୁ ହେବା ପରେ ଖୁଆ କେଜି ୩୨୦ ଟଙ୍କା ହେବ ବୋଲି କଟକ ଜିଲା ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଓଡ଼ିଆ ପୁଅ ସିଦ୍ଧାର୍ଥ ମହାନ୍ତି ହେଲେ ଏଲଆଇସିର ଅଧ୍ୟକ୍ଷ




କେନ୍ଦ୍ର ସରକାର ଆଉ ଜଣେ ଓଡ଼ିଆଙ୍କୁ ବଡ଼ ପଦବୀରେ ନିଯୁକ୍ତି ଦେଇଛନ୍ତି। ଦେଶର ସବୁଠାରୁ ବଡ଼ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀ ଏଲଆଇସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ସିଦ୍ଧାର୍ଥ ମହାନ୍ତି। ସେ ଏବେ ଏଲଆଇସିର ଅନ୍ତରୀଣ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। କିନ୍ତୁ ତାଙ୍କୁ କେନ୍ଦ୍ର ସରକାର ସ୍ଥାୟୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

ସେ ୨୦୨୪ ଜୁନ ମାସ ଯାଏ ଏହି ପଦବୀରେ ରହିବେ। ୨୦୨୪ ଜୁନରେ ସେ ଅଧ୍ୟକ୍ଷ ପଦ ଛାଡ଼ିବା ପରେ ଏଲଆଇସିର ଏମଡି ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ୨୦୨୫ ଜୁନ୍ ମାସ ଯାଏ କାର୍ଯ୍ୟ କରିବେ। ୨୦୨୩ ମାର୍ଚ୍ଚ ୧୪ରୁ ସେ ଏଲଆଇସିର ଅନ୍ତରୀଣ ଅଧ ଭାବେ କାମ କରୁଥିଲେ। ୧୯୮୫ରେ ଏଲଆଇସିରେ ଯୋଗ ଦେଇଥିବା ଶ୍ରୀ ମହାନ୍ତିଙ୍କୁ ୨୦୨୧ ମହିହା ଫେବୃଆରୀରେ ଏଲଆଇସିର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିଲା। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଏଥିସହ ତାଙ୍କ ପାଖରେ ଆଇନ ଓ ବିଜନେସ ମ୍ୟାନେଜମେଣ୍ଟର ଡିଗ୍ରୀ ମଧ୍ୟ ରହିଛି।

ଏଲଆଇସିରେ ଦୀର୍ଘ ୩ ଦଶନ୍ଧି ଧରି କାମ କରି ଆସୁଥିବା ଶ୍ରୀ ମହାନ୍ତି ମାର୍କେଟିଂ, ଏଚ୍‌ଆର, ଇନଭେଷ୍ଟମେଣ୍ଟ ଓ ଆଇନ କ୍ଷେତ୍ରରେ ମଧ୍ୟ ନିଜର ଛାପ ଛାଡ଼ିଛନ୍ତି। ଭାରତ ସରକାରଙ୍କ ଏଫଏସଆଇବି ପକ୍ଷରୁ ଅଧ୍ୟକ୍ଷ ପଦ ପାଇଁ ମହାନ୍ତିଙ୍କ ନାମ ସୁପାରିସ କରାଯାଇଥିଲା। ଏହାକୁ ଭାରତ ସରକାର ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାର ଗଠିତ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ ଶ୍ରୀ ମହାନ୍ତିଙ୍କ ନାଁ ଉପରେ ମୋହର ମାରିଛି।

## ନିୟମ ଉଲ୍ଲଙ୍ଘନ କରି ବିଦେଶରୁ ୧.୫ କୋଟି ଟଙ୍କା ପାଇଛି ଅକ୍ସଫାମ ଇଣ୍ଡିଆ: ସିବିଆଇ




ଅକ୍ସଫାମ ଇଣ୍ଡିଆର ଅଡୁଆ ବଢ଼ିବାରେ ଲାଗିଛି। ଏହି ଏନଜିଓ ସଂସ୍ଥା ଭାରତରେ ପ୍ରଚଳିତ ନିୟମ ଉଲ୍ଲଙ୍ଘନ କରି ବିଦେଶରୁ ୧.୫ କୋଟି ଟଙ୍କାର ଚାନ୍ଦା ପାଇଥିବା ସିବିଆଇ କହିଛି। ଏବେ ସିବିଆଇ ଏହି ଘଟଣାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସିବିଆଇ କହିଛି ଯେ ୨୦୧୩ରୁ ୨୦୧୬ ମଧ୍ୟରେ ଅକ୍ସଫାମ ଇଣ୍ଡିଆ ଫରେନ କଣ୍ଟ୍ରିବ୍ୟୁସନ (ରେଗୁଲେସନ) ଆଇନକୁ ଉଲ୍ଲଙ୍ଘନ କରି ୧.୫ କୋଟି ଟଙ୍କା ପାଇଥିଲା। ଅକ୍ସଫାମ ଇଣ୍ଡିଆ ତା'ର ବିଦେଶୀ ଅନୁବନ୍ଧିତ ସଂସ୍ଥା ଅକ୍ସଫାମ ଅଷ୍ଟ୍ରେଲିଆ, ଅକ୍ସଫାମ ଗ୍ରେଟ ବ୍ରିଟେନ ଦ୍ୱାରା ଅର୍ଥକୁ ହରନଚାଲ କରିଛି। ଭାରତରେ ଏନଜିଓ ସଂସ୍ଥାକୁ ଚିହ୍ନଟ ପାଇଁ ଟଙ୍କା ମିଳିଥିଲା। ଟଙ୍କା ଓ ପ୍ରକଳ୍ପ ଉପରେ ମଧ୍ୟ ସଂସ୍ଥା ନିୟନ୍ତ୍ରଣ ରଖିଥିଲା ବୋଲି ସିବିଆଇ କହିଛି।

ସିବିଆଇ ଆହୁରି କହିଛି ଯେ FCRAର ପୁନଃନବୀକରଣ ପାଇଁ ଅକ୍ସଫାମ ଇଣ୍ଡିଆ ପକ୍ଷରୁ ବିଦେଶୀ ସରକାର ଓ ସଂଗଠନ ଦ୍ୱାରା ଭାରତ ସରକାରଙ୍କ ଉପରେ ଚାପ ପକାଇବାକୁ ଯୋଜନା କରାଯାଇଥିଲା। ଏ ସମ୍ପର୍କରେ ହୋଇଥିବା ଇ-ମେଲ ଆଦାନ ପ୍ରଦାନକୁ ମଧ୍ୟ ତଦନ୍ତ ବେଳେ ଠାବ କରାଯାଇଛି ବୋଲି ସିବିଆଇ ଦାବି କରିଛି।

ସିବିଆଇ FCRA ଉଲ୍ଲଙ୍ଘନ ଅଭିଯୋଗରେ ଅକ୍ସଫାମ ଇଣ୍ଡିଆ ଓ ଅନ୍ୟ କିଛି ସଂସ୍ଥା ବିରୋଧରେ ମାମଲା କରିଥିଲା। ଏଥିସହ ଦିଲ୍ଲୀ ଅଫିସରେ ରେଡ କରିଥିଲା। ସର୍ଚ୍ଚ ଅପରେସନ ବେଳେ ସିବିଆଇକୁ ଅକ୍ସଫାମ ସହ ଜଡ଼ିତ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଭିଯୋଗକ୍ରମେ ସିବିଆଇ ଏଫଆଇଆର ରୁଜୁ କରିଛି।

ପ୍ରଥମେ ଅକ୍ସଫାମ ଇଣ୍ଡିଆରେ ସିବିଡିଟି ପକ୍ଷରୁ ଆୟକର ସର୍ଭେ ହୋଇଥିଲା। ଏହି ସମୟରେ FCRAର ପୁନଃନବୀକରଣ ପାଇଁ ଭାରତ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ସଂସ୍ଥା କେମିତି ଯୋଜନା କରୁଥିଲା, ସେ ସମ୍ପର୍କିତ ଇ-ମେଲ ମିଳିଥିଲା। ଏଥିସହ ବେଆଇନ ଭାବେ ସଂସ୍ଥା ୧.୫ କୋଟି ଟଙ୍କାର ବିଦେଶୀ ପାଣ୍ଠି ପାଇଥିବା ଜଣାପଡ଼ିଥିଲା ବୋଲି ଏଫଆଇଆରରେ କୁହାଯାଇଛି।

ଅକ୍ସଫାମ ଇଣ୍ଡିଆ ହେଉଛି ବିଶ୍ୱସ୍ତରୀୟ ଏନଜିଓ ସଂସ୍ଥା ଅକ୍ସଫାମର ଗୋଟିଏ ଅଂଶ। ଏହି ସଂସ୍ଥା ଗରିବୀ, ଅସମାନତା, ଲିଙ୍ଗଗତ ନ୍ୟାୟ ଓ ଜଳବାୟୁ ପରିବର୍ତ୍ତନ ଉପରେ କାମ କରିଥାଏ। ସିବିଆଇ ସଂସ୍ଥା ବିରୋଧରେ ଏମିତି ସବୁ ଅଭିଯୋଗ ଆଣିଥିଲେ ହେଁ ଏହାକୁ ଅକ୍ସଫାମ ଇଣ୍ଡିଆ ଖଣ୍ଡନ କରିଛନ୍ତି। ଏଥିସହ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛି।

୨୦୨୧ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅକ୍ସଫାମ ଇଣ୍ଡିଆର FCRA ଲାଇସେନ୍ସକୁ ବାତିଲ କରିଥିଲା। ଫଳରେ ସଂସ୍ଥା ଆଉ ବିଦେଶ ପାଣ୍ଠି ଗ୍ରହଣ କରିପାରୁନି।

## ଯୁବ ଚାଷୀଙ୍କୁ ଲକ୍ଷପତି କରିଦେଲା ପଦ୍ମ ଫୁଲ

ଉଚ୍ଚ ଶିକ୍ଷିତ। ଚାକିରି ପାଇଁ ଲାଳାୟିତ ନହୋଇ ସ୍ୱାଧୀନ ଭାବେ ନିଜେ କିଛି କରିବାର ଲକ୍ଷ୍ୟ ରଖିଥିଲେ। ଆଉ ୧୦୦ ଟଙ୍କାରେ ଆରମ୍ଭ କରିଥିଲେ ପଦ୍ମଫୁଲ ଚାଷ। ପରିବେଶ ପ୍ରତି ରୁଚି ରଖିଥିବା ପ୍ରଶାନ୍ତ ଦାସ ଦେଶ ବିଦେଶରୁ ପ୍ରାୟ ୨୦୦ ପ୍ରଜାତିର ପଦ୍ମ ଓ ପ୍ରାୟ ୭୦ ପ୍ରକାରର କଇଁ ଫୁଲ ଚାରା ସଂଗ୍ରହ କରି ସଙ୍କରୀକରଣ କରିଛନ୍ତି। ଆଉ ଏବେ ସେ ଏହି ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି।

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଅଁଳାବେରେଣୀ ଗାଁର ଏହି ପଦ୍ମ ଫୁଲ ଚାଷୀଙ୍କ ନାଁ ପ୍ରଶାନ୍ତ ଦାସ। ବିଜ୍ଞାନରେ ସ୍ନାତକ ପାସ୍ କରିବା ପରେ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ଆଉ ଏକ ସାମାଜିକ ସଙ୍ଗଠନ ସହିତ ଯୋଡ଼ି ହୋଇଯାଇଥିଲେ। ଅନେକ ଜନ ହିତକର କାର୍ଯ୍ୟ କରିଥିଲେ। ଏଥିସହ ବାପା-ମାଆଙ୍କଠାରୁ ପ୍ରେରଣା ପାଇ ପ୍ରକୃତି ସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଥିଲେ ପ୍ରଶାନ୍ତ।

ଗାଁ ପୋଖରୀରେ ଫୁଟିଥିବା ପଦ୍ମ ଓ କଇଁ ଫୁଲ ପ୍ରଶାନ୍ତଙ୍କୁ ଆଗକୁ ବଢ଼ିବା ପାଇଁ ରାସ୍ତା ଦେଇଥିଲା। ଆଉ ପଦ୍ମ ଓ କଇଁ ଫୁଲ ଚାଷ କରିବା ପାଇଁ ମନ ବଳାଇଥିଲେ। ବର୍ତ୍ତମାନ ଦେଶ ବିଦେଶରୁ ପ୍ରାୟ ୨୦୦ ପ୍ରଜାତିର ପଦ୍ମ ଓ ପ୍ରାୟ ୭୦ ପ୍ରକାରର କଇଁ ଫୁଲ ଚାରାକୁ ସଂକରୀକରଣ କରି ନିଜ ଘର ଚାରି ପାର୍ଶ୍ୱରେ କୁଣ୍ଡରେ ଚାଷ କରୁଛନ୍ତି, ଯେଉଁ ପଦ୍ମ ଫୁଲର ଚାହିଦା ଥାଇଲାଣ୍ଡ, ୟୁଏସ୍‌ଏ, ମାଲେସିଆ, ଚୀନ୍ ଭଳି ଦେଶରେ ରହିଛି। କେବଳ ସେତିକି ନୁହେଁ, କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପ୍ରାୟ ୧୦ ହଜାରରୁ ଅଧିକ ଗ୍ରାହକ ଅନ୍‌ଲାଇନ୍‌ରେ ପ୍ରଶାନ୍ତଙ୍କଠାରୁ ପଦ୍ମ ଫୁଲ ଚାରା ନେଇଛନ୍ତି। ପ୍ରଶାନ୍ତ ଉଭୟ ଅନଲାଇନ ଓ ଅଫ୍‌ଲାଇନ୍ ମାଧ୍ୟମରେ ବିଭିନ୍ନ କୋରିଅର ଓ ସ୍ପିଡ୍ ପୋଷ୍ଟ ଜରିଆରେ ପଦ୍ମ ଫୁଲ ଚାରା ଗୁଡ଼ିକ ପଠାଉଛନ୍ତି। ୨ ହଜାର ଟଙ୍କାରୁ ଆରମ୍ଭ କରି ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ପଦ୍ମ ଫୁଲ ଚାରା ଦାମ୍ ରହିଛି ବୋଲି ପ୍ରଶାନ୍ତ ଦାସ କହିଛନ୍ତି।

ପଦ୍ମ ଫୁଲ ଚାଷରେ ପ୍ରଶାନ୍ତଙ୍କୁ ପତ୍ନୀ ଓ ପରିବାର ଲୋକ ସହଯୋଗ କରୁଛନ୍ତି। ଦିନେ ୧୦୦ ଟଙ୍କାରୁ ଆରମ୍ଭ କରିଥିବା ଏହି ଚାଷ ଆଜି ଲକ୍ଷ ଲକ୍ଷ ଟଙ୍କାର ରୋଜଗାର ଦେଇ ପାରିଛି। ଆଶା, ଆକାଂକ୍ଷା ଓ ସମ୍ଭାବନାକୁ ପାଥେୟ କରି ପ୍ରଶାନ୍ତ ଆଜି ଜଣେ ସଫଳ ପଦ୍ମ ଚାଷୀ ହୋଇପାରିଛନ୍ତି। ତାଙ୍କ ଅଁଳାବେରେଣୀ ସ୍ଥିତ ଘର ଭିତରେ ଓ ବାହାରେ, ଏପରିକି ଛାତ ଉପରେ ପ୍ରାୟ ୨୦୦ଟି କୁଣ୍ଡ ଓ ଟବ ରହିଛି।

ପ୍ରଶାନ୍ତଙ୍କ କହିବା ଅନୁସାରେ ପଦ୍ମଫୁଲ ଉପରେ ଚୀନ୍‌ରେ ଭଲ କାମ ହୋଇଛି। ସେମାନେ ମାଇକ୍ରୋ ଲୋଟସ୍‌ର ଡେଭଲପ କରିଛନ୍ତି। କିନ୍ତୁ ସେହି ପଦ୍ମକୁ ଚାଇନାରୁ ଓଡ଼ିଶାକୁ ସିଧାସଳଖ ଆସିପାରୁନାହିଁ। ତେଣୁ ୟୁଏସ୍‌ଏ ଓ ଥାଇଲାଣ୍ଡ ପ୍ରଜାତିର ପଦ୍ମ ଚାରା ଆଣୁଥିଲୁ। ଦେଖିବାକୁ ଗଲେ ଥାଇଲାଣ୍ଡ ଓ ଓଡ଼ିଶାର ଜଳବାୟୁ ପ୍ରାୟତଃ ଏକ ପ୍ରକାର। ତେଣୁ ଥାଇରାଣ୍ଡର ପ୍ରଜାତିର ପଦ୍ମ ଆମ ପାଖରେ ବେଶୀ ରହିଛି। କିଛି ୟୁଏସ୍ ପ୍ରଜାତିର ପଦ୍ମ ମଧ୍ୟ ରହିଛି। ୟୁଏସ୍‌ଏ ପ୍ରଜାତିର ପଦ୍ମ ଦୁଇ ପ୍ରକାର। ଗୋଟିଏ ହେଲା ଟ୍ରପିକାଲ୍ ଓ ଅନ୍ୟଟି ହେଉଛି ହାର୍ଡ଼ି। ହାର୍ଡ଼ି ପ୍ରଜାତିରେ ବିଭିନ୍ନ ରଙ୍ଗର ପଦ୍ମ ଫୁଲ ଫୁଟି ପାରୁଛି। ଓଡ଼ିଶା ଜଳବାୟୁରେ ଟ୍ରପିକାଲ୍ ପ୍ରଜାତିର ପଦ୍ମ ବେଶୀ ଫୁଟି ପାରିବ ବୋଲି ପ୍ରଶାନ୍ତ କହିଛନ୍ତି।

ସେ କହିଛନ୍ତି, ଓଡ଼ିଶାରେ ରେଡ୍ ବେଜିଂ, ମୋ ହଙ୍ଗ, ଜେଡ୍ ଇନ୍ ଜିନଲି, ୟେଲୋପ୍ରି, ୟେଲୋପ୍ରି ପିଙ୍କ, ରେଡ୍ ପିଓନି, ପିଙ୍କ କ୍ଲାଉଡ୍, ରାନୀ ରେଡ୍ ଆଦି ପ୍ରଜାତିର ପଦ୍ମ ରହିଛି। ସେହି ସବୁ ପଦ୍ମ ଚାରାକୁ ସଙ୍କରୀକରଣ କରାଯାଇ ମହିମା, ଜଗନ୍ନାଥ, କପିଳାସ, ଶ୍ରୀକ୍ଷେତ୍ର, ହ୍ୱାଇଟ ମାସ୍କିନ୍ ଆଦି ପଦ୍ମ ସୃଷ୍ଟି କରାଯାଇଛି।

# ଦେଶକୁ ମିଳିଲା ପ୍ରଥମ ଜଳ ମେଟ୍ରୋ: ଟିକେଟ ଦାମ ୨୦ ଟଙ୍କା

ଦେଶକୁ ମିଳିଛି ପ୍ରଥମ ଜଳ ମେଟ୍ରୋ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳ କୋଚି ଠାରେ ଏହାକୁ ଉଦଘାଟନ କରିଛନ୍ତି। ପୂର୍ବରୁ ଦେଶରେ କେବେ ହେଲେ ଏପରି ମେଟ୍ରୋ ସେବା ଆରମ୍ଭ କରାଯାଇ ନଥିଲା। ଏହି ଜଳ ମେଟ୍ରୋ ବା ବୋଟ୍ ମେଟ୍ରୋ ସେବା କୋଚିକୁ ସଂଯୋଗ କରୁଥିବା ୧୦ଟି ଦ୍ୱୀପପୁଞ୍ଜ ମଧ୍ୟରେ ସେବା ଯୋଗାଇବ। କୋଚି ଓ ଏହାର ଆଖପାଖ ଦ୍ୱୀପକୁ ଏକାଧିକ ଜଳସ୍ରୋତ ଘେରି ରହିଛି। ସଡ଼କ ପଥ ଅପେକ୍ଷା ଏହି ସବୁ ଦ୍ୱୀପକୁ ଜଳ ପଥରେ ଖୁବ କମ ସମୟରେ ଯାତାୟାତ କରିହେବ। ଏହାକୁ ଦୃଷ୍ଟିରେ ରଖି ଦେଶର ପ୍ରଥମ ଜଳ ମେଟ୍ରୋ ସେବାକୁ ଆଜି ଉଦଘାଟନ କରାଯାଇଛି। ଜଳଯାତ୍ରା ଦ୍ୱାରା ଟ୍ରାଫିକ୍ ସମସ୍ୟା ଦୂର ହେବ।

ଏଥିସହ କମ୍ ସମୟରେ ଲୋକମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରି ଜଳ ମେଟ୍ରୋରେ ଯାତ୍ରା କରିପାରିବେ। ଏହି ଜଳ ମେଟ୍ରୋ ସେବା ପାରମ୍ପରିକ ମେଟ୍ରୋ ସେବା ଠାରୁ ଅଧିକ ଭଲ। ବିଶେଷ କରି କୋଚି ସହର ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ବୋଲି କୁହାଯାଉଛି।

**କୋଚି ଜଳ ମେଟ୍ରୋର କିଛି ଗୁରୁତ୍ୱପୂର୍ଣ୍ଣ କଥା**



୧- କୋଚି ଜଳ ମେଟ୍ରୋ ୧୦ଟି ଦ୍ୱୀପପୁଞ୍ଜକୁ ସଂଯୋଗ କରିବ।

୨- ଏହି ପ୍ରକଳ୍ପ ପାଇଁ ୧,୧୩୬.୮୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। କେରଳ ସରକାର ଓ ଜର୍ମାନର ଫଣ୍ଡିଂ ଏଜେନ୍ସି KFW ପାଣ୍ଠି ଯୋଗାଣ କରିଛନ୍ତି।

୩- କୋଚି ୱାଟର ମେଟ୍ରୋଳରେ ୭୮ଟି ବିଦ୍ୟୁତ ଚାଳିତ ବୋଟ ଓ ୩୮ଟି ଟର୍ମିନାଲ ରହିଛି।

୪- ଏହି ପ୍ରକଳ୍ପ ଅଧୀନରେ ପ୍ରଥମ ଦଫାରେ ହାଇକୋର୍ଟ-ଭୟପିନ ଟର୍ମିନାଲରୁ ଭୟଟିଲା-କାକନାଡ ଟର୍ମିନାଲ ଯାଏ ସେବା ଉପଲବ୍ଧ କରାଯିବ।

୫- ଲୋକମାନେ କୋଚି ୱାନ କାର୍ଡ ବ୍ୟବହାର କରି ଉଭୟ କୋଚି ମେଟ୍ରୋ ଓ ୱାଟର ମେଟ୍ରୋରେ ଯାତ୍ରା କରିପାରିବେ।

୬- ଲୋକମାନେ ଡିଜିଟାଲ ମାଧ୍ୟମରେ ମଧ୍ୟ ଜଳ ମେଟ୍ରୋ ଯାତ୍ରା ପାଇଁ ଟିକେଟ କରିପାରିବେ।

୭- ପ୍ରଥମ ଦଫାରେ କେବଳ ୮ଟି ହାଇବ୍ରିଡ୍ ବୋଟ ସେବା ଯୋଗାଇବ। ୮ଟି ହାଇବ୍ରିଡ୍ ବୋଟକୁ କୋଚିନ୍ ସିପ୍‌ଆର୍ଡ ଲିମିଟେଡ ଦ୍ୱାରା ବିକଶିତ କରାଯାଇଛି।

୮- ଏହି ମେଟ୍ରୋ ସେବାରେ ଯାତାୟାତ କରିବା ପାଇଁ ଟିକେଟର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ ହୋଇଛି। ଯେଉଁମାନେ ନିୟମିତ ଯିବା ଆସିବା କରିବେ, ସେମାନଙ୍କ ପାଇଁ ସାପ୍ତାହିକ ଓ ମାସିକ ପାସ୍ ବ୍ୟବସ୍ଥାର ସୁବିଧା ରହିବ।

୯- ବୋଟ ଗୁଡ଼ିକରେ ଏସିର ବ୍ୟବସ୍ଥା ରହିବ। ସେହିପରି ବଡ଼ବଡ଼ ଝରକା ଦ୍ୱାରା ଲୋକମାନେ ପ୍ରକୃତିର ମନୋରମ ଦୃଶ୍ୟକୁ ଉପଭୋଗ କରିପାରିବେ।

୧୦- ଜଳ ମେଟ୍ରୋ ଅତ୍ୟନ୍ତ ଇକୋ ଫ୍ରେଣ୍ଡଲୀ, ସଂପୂର୍ଣ୍ଣ ବିଦ୍ୟୁତ ଚାଳିତ ଓ ଦିବ୍ୟାଙ୍ଗ ପାଇଁ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

### ଯୌନ ଶୋଷଣ ଅଭିଯୋଗ

# ମହିଳା ଭାରତୀୟ କୁସ୍ତିଯୋଦ୍ଧାମାନେ ପୁଣି ଧାରଣାରେ ବସିଲେ

ରେସଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ଡବ୍ଲୁଏଫ୍ଆଇ) ମୁଖ୍ୟ ତଥା ଅନ୍ୟ ପ୍ରଶିକ୍ଷକମାନେ ମହିଳା ରେସଲରଙ୍କୁ ଯୌନ ଶୋଷଣ କରୁଥିବା ଅଭିଯୋଗ ପୁଣି ଅଲୋଚନାକୁ ଆସିଛି। ଏହି ଅଭିଯୋଗ ସହ ଘଟଣାକୁ ବିରୋଧ କରୁଥିବା ମହିଳା ଭାରତୀୟ କୁସ୍ତିଯୋଦ୍ଧାମାନେ ପୁଣି ଦିଲ୍ଲୀର ଜନ୍ତର ମନ୍ତରକୁ ଫେରିଛନ୍ତି। ସେମାନେ ଧାରଣା ଦେବା ସହ ପୁଲିସରେ ସାନି ଏତଲା ଦେଇଛନ୍ତି। ଚଳିତ ବର୍ଷ ଆରମ୍ଭରେ ଏହି ଯୌନ ଶୋଷଣ ଅଭିଯୋଗ ଉଠିଥିଲା। ଫେଡେରେସନ୍ ମୁଖ୍ୟ ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ କେନ୍ଦ୍ର ଦିଲ୍ଲୀର କନନାଟ୍ ପ୍ଲେସ୍ ଥାନାରେ ୭ ଜଣ ମହିଳା କୁସ୍ତିଯୋଦ୍ଧା ଯୌନ ଉତ୍ପୀଡ଼ନ ଅଭିଯୋଗ କରିଥିଲେ। ଏବେ ମଧ୍ୟ ସମାନ ଧରଣର ଏତଲା ହୋଇଛି। ତେବେ ଏହି ଏତଲାକୁ ଭିତ୍ତି କରି ପୁଲିସ କୌଣସି ମାମଲା ରୁଜୁ କରିନାହିଁ ବୋଲି ରେସଲର ସାକ୍ଷୀ ମଲିକ୍ କହିଛନ୍ତି।

ସେ ଗଣମାଧ୍ୟମକୁ କହିଛନ୍ତି, ଏହି ପ୍ରସଙ୍ଗରେ ସରକାରୀ ପ୍ୟାନେଲ୍ ଏପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ସାର୍ବଜନୀନ କରିନଥିବାରୁ ସେମାନେ ନିରାଶ ହୋଇଛନ୍ତି। ମହିଳା ରେସଲରଙ୍କ ରେକର୍ଡ ହୋଇଥିବା ଷ୍ଟେଟମେଣ୍ଟ ରିପୋର୍ଟ ସାର୍ବଜନୀନ ହେଉ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ, କାରଣ ଅଭିଯୋଗକାରୀଙ୍କ ମଧ୍ୟରୁ ଜଣେ ନାବାଳିକା। ତେଣୁ ଏହି ଅଭିଯୋଗକାରୀଙ୍କ ନାମ ଲିକ୍ ହେବା ଉଚିତ ନୁହେଁ ବୋଲି ସାକ୍ଷୀ କହିଛନ୍ତି।

ସେପଟେ ବ୍ରିଜ ଭୂଷଣ ଗିରଫ ନହେବା ପର୍ଯ୍ୟନ୍ତ କେହି ଏଠାରୁ ହଟିବେ ନାହିଁ ବୋଲି ବରିଷ୍ଠ ରେସଲର ବଜରଙ୍ଗ ପୁନିଆ କହିଛନ୍ତି। ବିନେଶ ଫୋଗାଟ କହିଛନ୍ତି, ବାରମ୍ବାର ଚେଷ୍ଟା ସତ୍ତ୍ୱେ ସରକାରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ମିଳୁନାହିଁ। ତେଣୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରେ ବସି ରହିବେ। ସେମାନେ ତିନିମାସ ଧରି କ୍ରୀଡ଼ା ମନ୍ତ୍ରୀ




ଅନୁରାଗ ଠାକୁର ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଛନ୍ତି। ହେଲେ କମିଟିର ସଦସ୍ୟମାନେ କିମ୍ବା କ୍ରୀଡା ମନ୍ତ୍ରଣାଳୟ ସେମାନଙ୍କୁ କୌଣସି ପ୍ରତିକ୍ରିୟା ଦେଉ ନାହାଁନ୍ତି। ସେମାନେ ଫୋନ୍ କଲ୍ ମଧ୍ୟ ଉଠାଉନାହାନ୍ତି। ଖେଳାଳିମାନେ ଦେଶ ପାଇଁ ପଦକ ଜିତିଛନ୍ତି ଏବଂ ଏଥିପାଇଁ କ୍ୟାରିଅରକୁ ବିପଦରେ ପକାଇଛନ୍ତି। ମାତ୍ର ସେମାନଙ୍କୁ ଠିକ୍ ସମ୍ମାନ ମିଳୁନଥିବା ସେ କହିଛନ୍ତି।

ସୂଚନା ଥାଉକି, ଅଭିଯୋଗ ପରେ ଖେଳ ମନ୍ତ୍ରଣାଳୟ ଚଳିତ ବର୍ଷ ଜାନୁଆରୀ ୨୩ ତାରିଖରେ ବକ୍ସିଂ କୁଇନ୍ ଏମ୍ସି ମେରୀ କମ୍ଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ନିରୀକ୍ଷଣ କମିଟି ଗଠନ ହୋଇଥିଲା ଏବଂ ମାସକ ଭିତରେ ରିପୋର୍ଟ ଦେବାକୁ କୁହାଯାଇଥିଲା। ମାତ୍ର ପରେ ଏହି ସମୟ ସୀମାକୁ ଆଉ ୧୫ ଦିନ ବଢ଼ାଇ ଦିଆଯାଇଥିଲା। ଏହି ସମୟରେ ବବିତା ଫଗାଟଙ୍କୁ କମିଟିର ଷଷ୍ଠ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଏହି କମିଟି ଏପ୍ରିଲ ପ୍ରଥମ ସପ୍ତାରେ ତାର ରିପୋର୍ଟ ଦେଇଥିଲା। ମାତ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏ ପର୍ଯ୍ୟନ୍ତ ଏହା ଉପରେ ଶେଷ ନିଷ୍ପତ୍ତିକୁ ସାର୍ବଜନିନ କରିନି।

ଅଭିଯୋଗକାରୀ କୁସ୍ତିଯୋଦ୍ଧାମାନେ ପ୍ରଥମେ କହିଥିଲେ ଯେ, ସେମାନେ ଆଇନ୍ର ଆଶ୍ରୟ ନେବାକୁ ଚାହାଁନ୍ତି ନାହିଁ। କାରଣ ପ୍ରଧାନମନ୍ତ୍ରୀଙ୍କ ଉପରେ ସେମାନଙ୍କର ଭରସା ରହିଛି। ତେବେ ଏହି ସମୟରେ ସେମାନେ ଚେତାବନୀ ଦେଇଥିଲେ ଯେ, ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ହେଲେ ସେମାନେ ପୁଲିସ ପାଖକୁ ଯିବେ। ଏଥିସହ ବିଜେପି ସଦସ୍ୟଥିବା ବବିତା ଫଗାଟଙ୍କ ମଧ୍ୟସ୍ଥତାରେ ସନ୍ତୁଷ୍ଟ ନ ଥିବା ଖେଳାଳିମାନେ କହିଥିଲେ। କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ମଧ୍ୟ ଏହି ଘଟଣାରେ ପୂର୍ବରୁ ଖେଳାଳିଙ୍କୁ ଭେଟିବା ସହ ଅଭିଯୋଗ ଗମ୍ଭୀର ବୋଲି କହିଥିଲେ। ଏହି ମାମଲାରେ ଦିଲ୍ଲୀ ମହିଳା ଆୟୋଗ ମୁଖ୍ୟ ଏତଲା ପଞ୍ଜୀକରଣ କରିବାରେ ବିଫଳ ଦିଲ୍ଲୀ ପୁଲିସକୁ ନୋଟିସ୍ କରିଥିଲେ। କାରଣ ଖେଳାଳିମାନେ ଦିଲ୍ଲୀ ପୁଲିସ ବିରୋଧରେ ଆୟୋଗଙ୍କୁ ଅଭିଯୋଗ କରିଥିଲେ ଯେ, ଅଭିଯୋଗ ସତ୍ତ୍ୱେ ସେମାନଙ୍କ ଏତଲାକୁ ପଞ୍ଜୀକରଣ କରାଯାଉନି।

## ମୁମ୍ବାଇ ପାଇଁ ଶେଷରେ ଡେବ୍ୟୁ କଲେ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ

ଆଇପିଏଲର ୨ଟି ସିଜିନ ବେଞ୍ଚରେ ବସିବସି ଅଭିଯାନ ଶେଷ କରିଥିବା କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଡେବ୍ୟୁ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍ରେ ଅର୍ଜୁନ ମୁମ୍ବାଇର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଛନ୍ତି। ମୁମ୍ବାଇର ନିୟମିତ ଅଧିନାୟକ ରୋହିତ ଶର୍ମା ଖେଳୁ ନଥିବା ବେଳେ ସୂର୍ଯ୍ୟ କୁମାର ଯାଦବ ଅଧିନାକୟ ପଦ ସମ୍ଭାଳିଥିଲେ। ସୂର୍ଯ୍ୟ କୁମାରଙ୍କ ଅଧିନାୟକରେ ଅର୍ଜୁନଙ୍କୁ ଦଳରେ ଜଣେ ଅଲରାଉଣ୍ଡର ଭାବେ ସୁଯୋଗ ମିଳିଛି।

ମୁମ୍ବାଇ ଇଣ୍ଡିଆନ୍ସ ଅର୍ଜୁନଙ୍କୁ ୨୦୨୧ରେ ପ୍ରଥମଥର କିଣିଥିଲା। ସେ ଦଳ ସହ ୨୦୨୧ ଓ ୨୦୨୨ ସିଜିନରେ ମଧ୍ୟ ରହିଥିଲେ। ହେଲେ



ତାଙ୍କୁ ୨ଟି ଯାକ ସିଜିନରେ କୌଣସି ମ୍ୟାଚ୍ ଖେଳିବାକୁ ସୁଯୋଗ ମିଳି ନଥିଲା। ୨୦୨୩ରେ ଇମ୍ପାକ୍ଟ ଖେଳାଳି ନିୟମ ଲାଗୁ ହେବାରୁ ଅର୍ଜୁନଙ୍କୁ ସମ୍ଭାବ୍ୟ ୫ ଜଣିଆ ତାଲିକାରେ ରଖା ଯାଇଥିଲା। ହେଲେ ସେ କେବେ ବି ଇମ୍ପାକ୍ଟ ଖେଳାଳି ଭାବେ ମଧ୍ୟ ସୁଯୋଗ ପାଇ ନଥିଲେ। ଶେଷରେ ଅପେକ୍ଷାର ଅନ୍ତ ଘଟିଛି। ସେ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ପାଇଛନ୍ତି। ଏଥିସହ ମୁମ୍ବାଇ ପାଇଁ ପ୍ରଥମ ଓଭର ବୋଲିଂ କରି ୫ ରନ ଦେଇଥିଲେ।

ରୋହିତ ଶର୍ମା ମ୍ୟାଚ୍ ଖେଳୁ ନଥିବା ବେଳେ ଇମ୍ପାକ୍ଟ ଖେଳାଳିରେ ସ୍ଥାନ ପାଇଥିବା ୫ ଜଣଙ୍କ ମଧ୍ୟରେ ତାଙ୍କ ନାଁ ରହିଥିଲା।

ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଡେବ୍ୟୁ କରିଥିବା ଅର୍ଜୁନ ଏଯାଏ ୭ଟି ଲିଷ୍ଟ ଏ ଓ ୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଲିଷ୍ଟ-ଏରେ ସେ ୪.୯୮ ଇକୋନୋମିରେ ୮ଟି ୱିକେଟ ଦଖଲ କରିଛନ୍ତି। ଟି-୨୦ରେ ସେ ୬.୬୦ ହାରରେ ରନ ଦେଇ ୧୨ଟି ୱିକେଟ ନେଇଛନ୍ତି। ତାଙ୍କ ରନ ହାର ଭଲ ଥିବାରୁ ତାଙ୍କୁ ସୁଯୋଗ ମିଳିଛି।

### ଭାରତୀୟ ହକି ଦଳର ଆଉ ୧୦ ବର୍ଷ ପ୍ରାୟୋଜକ ହେବ ଓଡ଼ିଶା

## ୨୦୩୩ ପର୍ଯ୍ୟନ୍ତ ପ୍ରାୟୋଜକ ହେବାକୁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି

ଭୁବନେଶ୍ୱର: ହକିପ୍ରେମୀଙ୍କ ପାଇଁ ବଡ଼ ଖବର। ଓଡ଼ିଶା ସରକାର ଆଉ ୧୦ ବର୍ଷ ପର୍ଯ୍ୟନ୍ତ ତଥା ୨୦୩୩ ଆଜି ପ୍ରାୟୋଜକ ରହିବ। ଓଡ଼ିଶାରେ ଜାତୀୟ ତଥା ଆନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ମ୍ୟାଚ ଦେଖିବାକୁ ମିଳିବ। ଏହାସହିତ ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଖେଳାଯିବାକୁ ଥିବା ସମସ୍ତ ହକି ମ୍ୟାଚର ଓଡ଼ିଶା ପ୍ରାୟୋଜକ ହେବ। ଏହି ପ୍ରସ୍ତାବ ଉପରେ ଆଜି କ୍ୟାବିନେଟ ମୋହର ମାରିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମୋଟ ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହି ବୈଠକରେ ଭାରତୀୟ ହକି ଦଳର ଆଉ ୧୦ ବର୍ଷ ପ୍ରାୟୋଜକ ହେବ ଓଡ଼ିଶା ଏବଂ ୨୦୨୩ ପର୍ଯ୍ୟନ୍ତ ପ୍ରାୟୋଜକ ହେବାକୁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇଛି।

ଓଡ଼ିଶାରେ ଦୁଇ ଥର ବିଶ୍ୱକପ୍ ହକି ପୁରୁଷ ପ୍ରତିଯୋଗିତା ଆୟୋଜନ କରିଥିବା ଓଡ଼ିଶା ଖଣି ନିଗମ ୨୦୩୩ ମସିହା ପର୍ଯ୍ୟନ୍ତ ଭାରତୀୟ ଜାତୀୟ ହକି ଟିମଗୁଡ଼ିକର ପ୍ରାୟୋଜକ ରହିବେ। ୨୦୧୮




ମସିହାରେ ଓଡ଼ିଶା ଉଭୟ ଜାତୀୟ ପୁରୁଷ ଓ ମହିଳା ହକି ଟିମର ପ୍ରାୟୋଜକ ରହିଛି। ୦୨୩ ମସିହାରେ ଏହି ପ୍ରାୟୋଜକ ଅବଧି ଶେଷ ହେଉଥିଲା। ଏହି ପ୍ରାୟୋଜକ ହେବା ନିମନ୍ତେ ଓଡ଼ିଶା ଖଣି ନିଗମ(ଓଏମସି) ପକ୍ଷରୁ ରାଜ୍ୟ ସରକାରଙ୍କ ଅନୁମତି ଲୋଡ଼ାଯାଇଥିଲା ଓ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୨୦୨୩ ଫେବୃୟାରୀ ୧ରୁ ୨୦୩୩ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଭାରତୀୟ ହକି ଟିମ(ଉଭୟ ପୁରୁଷ ଓ ମହିଳା)ର ପ୍ରାୟୋଜକ ଭାବେ ଓଏମସି ୪୩୪.୧୨କୋଟି ଟଙ୍କା(ଟିକସକୁ ବାଦ୍ ଦେଇ) ପ୍ରଦାନ କରିବ।

### ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ

## ଦଳକୁ ଫେରିଲେ ଆଜିଙ୍କ୍ୟ ରାହାଣେ

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ପାଇଁ ବିସିସିଆଇ ଭାରତୀୟ ଦଳ ଘୋଷଣା କରିଛି। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ୧୫ ଜଣିଆ ଦଳ ଘୋଷଣା କରାଯାଇଛି।

ଦଳରେ ଆଜିଙ୍କ୍ୟ ରାହାଣେଙ୍କୁ ସାମିଲ କରାଯାଇଛି। ଏହାକୁ ଆଜିଙ୍କ୍ୟ ରାହାଣେଙ୍କ ପ୍ରତ୍ୟାବର୍ତ୍ତନ କୁହାଯାଇପାରେ। କାରଣ ୨୦୨୨ରେ ଦକ୍ଷିଣ ଆଫ୍ରିକା ଗସ୍ତ ପରଠୁ ସେ ଆଉ ଟିମରେ ସ୍ଥାନ ପାଇ ନଥିଲେ। ତେବେ ଘରୋଇ କ୍ରିକେଟ ଓ ଆଇପିଏଲରେ ଲଗାତାର ଭଲ ପ୍ରଦର୍ଶନ କରିବାରୁ ତାଙ୍କୁ ଏଥର ଦଳରେ ସାମିଲ କରାଯାଇଛି। ୨୦୨୨-୨୩ ରଣଜୀ ଟ୍ରଫିରେ ମୁମ୍ବାଇ ତରଫରୁ ରାହାଣେ ୭ଟି ମ୍ୟାଚ୍ ଖେଳି ୬୩୪ ରନ କରିଥିଲେ। ତା' ମଧ୍ୟରେ ୨ଟି ଶତକ ରହିଛି। ସେହିଭଳି ଚଳିତ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗସ ପକ୍ଷରୁ ଖେଳୁଥିବା ରାହାଣେ ଭଲ ପ୍ରଦର୍ଶନ କରୁଛନ୍ତି।

ସେହିପରି ଦଳରେ ଅଲ-ରାଉଣ୍ଡର ଶାର୍ଦ୍ଦୁଲ ଠାକୁର ସାମିଲ ହୋଇଛନ୍ତି। ଗତ ଫେବ୍ରୁଆରୀ-ମାର୍ଚ୍ଚରେ ଅଷ୍ଟ୍ରେଲିଆ ବିପକ୍ଷ ୪ଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ସେମିତି ଖାସ୍ ପ୍ରଦର୍ଶନ କରି ନଥିଲେ ମଧ୍ୟ କେଏସ ଭରତ ଦଳରେ ସ୍ଥାନ ପାଇଛନ୍ତି। ୱିକେଟକିପର ଭାବେ ସେ ଦଳର ପ୍ରଥମ ପସନ୍ଦ ରହିଛନ୍ତି। ଅନ୍ୟପକ୍ଷରେ ଈଶାନ କିଶନ, ସୂର୍ଯ୍ୟ କୁମାର ଯାଦବ ଓ କୁଲଦୀପ ଯାଦବ ଦଳରେ ସ୍ଥାନ ପାଇ ନାହାନ୍ତି। ଆହତ କାରଣରୁ ଶ୍ରେୟସ ଆୟରଙ୍କୁ ମଧ୍ୟ ଟିମ୍ରେ ନିଆଯାଇ ନାହିଁ।

ଦଳରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଶୁବମନ ଗିଲ, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଆଜିଙ୍କ୍ୟ ରାହାଣେ, କେଏସ ଭରତ (ୱିକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡ଼େଜା, ଅକ୍ଷର ପଟେଲ, ଶାର୍ଦ୍ଦୁଲ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମେଶ ଯାଦବ ଓ ଜୟଦେବ ଉନାଦକଟ ଟିମ୍ରେ ସାମିଲ ହୋଇଛନ୍ତି।

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଭାରତର ମୁକାବିଲା ଅଷ୍ଟ୍ରେଲିଆ ସହିତ ହେବ। ଲଣ୍ଡନର ଓଭାଲରେ ଜୁନ ୭ ତାରିଖରୁ ଜୁନ ୧୧ ତାରିଖ ପର୍ଯ୍ୟନ୍ତ ଏହି ମ୍ୟାଚ୍ ଖେଳାଯିବ। ନିକଟରେ ଭାରତରେ ଖେଳାଯାଇଥିବା ୪ଟି ମ୍ୟାଚ୍ ବିଶିଷ୍ଟ



ବର୍ଡର-ଗାଭାସ୍କର ଟେଷ୍ଟ ସିରିଜରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ଅଷ୍ଟ୍ରେଲିଆକୁ ୨-୧ରେ ହରାଇଥିଲା। ଅଷ୍ଟ୍ରେଲିଆ ଏଥର ପ୍ରଥମ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲକୁ ଯାଇଥିବା ବେଳେ ଭାରତ ଦ୍ୱିତୀୟ ଥର ପାଇଁ ଯାଇଛି।

ଅଷ୍ଟ୍ରେଲିଆ ମଧ୍ୟ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ପାଇଁ ଦଳ ଘୋଷଣା କରିସାରିଛି। ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱରେ ସ୍କଟ ବୋଲାଣ୍ଡ, ଆଲେକ୍ସ କ୍ୟାରୀ, କ୍ୟାମରୁନ ଗ୍ରୀନ, ମାରକସ ହ୍ୟାରିସ, ଜୋଶ ହାଜେଲଉଡ, ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ, ଉସମାନ ଖ୍ୱାଜା, ମାର୍ନସ ଲାବୁଶେନ, ନାଥନ ଲାୟନ, ମିଚେଲ ମାର୍ଶ, ଟୋଡ ମର୍ଫି, ମାଥ୍ୟୁ ରେନଶ, ଷ୍ଟିଭ ସ୍ମିଥ (ଉପ-ଅଧିନାୟକ), ମିଚେଲ ଷ୍ଟାର୍କ ଓ ଡାଭିଡ ୱାର୍ଣ୍ଣରର ଦଳରେ ସାମିଲ ହୋଇଛନ୍ତି।

# ଅଭିନେତ୍ରୀ ଜିଆ ଖାନ ଆତ୍ମହତ୍ୟା ମାମଲାରେ ସୂରଜ ପଞ୍ଚୋଲି ନିର୍ଦ୍ଦୋଷ

ନୂଆଦିଲ୍ଲୀ: ବହୁ ଚର୍ଚ୍ଚିତ ବଲିଉଡ୍ ଅଭିନେତ୍ରୀ ଜିଆ ଖାନ ଆତ୍ମହତ୍ୟା ଘଟଣାରେ ଅଭିନେତା ସୂରଜ ପଞ୍ଚୋଲିଙ୍କୁ ନିର୍ଦ୍ଦୋଷ ଘୋଷଣା କରିଛନ୍ତି ମୁମ୍ବାଇର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ। ଜିଆଙ୍କୁ ଆତ୍ମହତ୍ୟା କରିବା ପାଇଁ ସୂରଜ ଉସୁକାଇଥିବା ଅଭିଯୋଗ ରହିଥିଲା। ତେବେ ପ୍ରମାଣ ଅଭାବରୁ କୋର୍ଟ ସୂରଜଙ୍କୁ ନିର୍ଦ୍ଦୋଷ ଘୋଷଣା କରିଛନ୍ତି।

ସିବିଆଇ କୋର୍ଟଙ୍କ ରାୟ ଆସିବା ପରେ ଜିଆ ଖାନଙ୍କ ମା' କହିଛନ୍ତି, ଏହା ହେଉଛି ଏକ ହତ୍ୟା ଘଟଣା। ମୁଁ ହାଇକୋର୍ଟ ଯିବି। ଏପର୍ଯ୍ୟନ୍ତ ଜିଆର ମୃତ୍ୟୁ ପଛର କାରଣ ଜଣାପଡ଼ିନାହିଁ।

୨୦୧୩ ଜୁନ ୩ ତାରିଖରେ ଜିଆ ଖାନଙ୍କ ଝୁଲନ୍ତା ମୃତଦେହ ତାଙ୍କର ଜୁହୁ ସ୍ଥିତ ଘରୁ ମିଳିଥିଲା। ପୁଲିସ୍କୁ ସେଠାରୁ ୬ ପୃଷ୍ଠାର ଏକ ଚିଠି ମିଳିଥିଲା। ଏଥିରେ ସେ ସୂରଜଙ୍କ ସହିତ ତାଙ୍କର ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ। ସେମାନଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଥିଲା। ସୂରଜ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ ବୋଲି ଜିଆ ଲେଖିଥିଲେ। ଉକ୍ତ ଚିଠି ଆଧାରରେ ପୁଲିସ ସୂରଜ ପଞ୍ଚୋଲିଙ୍କୁ ଗିରଫ କରିଥିଲା। ଜିଆଙ୍କୁ ଆତ୍ମହତ୍ୟା କରିବା ପାଇଁ ସେ ଉସୁକାଇଥିବା





ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଥିଲା। ତେବେ ୨୦୧୩ ଜୁନ ମାସରେ ଗିରଫ ହୋଇଥିବା ସୂରଜ ପଞ୍ଚୋଲିଙ୍କୁ ୨୦୧୩ ଜୁଲାଇ ମାସରେ ଜାମିନ ମିଳି ଯାଇଥିଲା।

ଗତ ସପ୍ତାହରେ ସିବିଆଇ କୋର୍ଟ ଏହି ମାମଲାରେ ଶେଷ ଥର ପାଇଁ ଉଭୟ ପକ୍ଷର ଯୁକ୍ତି ଶୁଣିଥିଲେ ଓ ରାୟ ସଂରକ୍ଷିତ ରଖିଥିଲେ। ଏପ୍ରିଲ ୧୨ ତାରିଖରେ ସୂରଜ କୋର୍ଟରେ ଶେଷ ଥର ପାଇଁ ତାଙ୍କ ପକ୍ଷ ରଖିଥିଲେ। ସେତେବେଳେ ସେ କହିଥିଲେ ଯେ ତାଙ୍କୁ ମିଛ ମାମଲରେ ଫସାଇ ଦିଆଯାଇଛି। ଜିଆଙ୍କୁ ସେ ଖୁବ ଭଲ ପାଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସେ ଭାଙ୍ଗି ପଡ଼ିଥିଲେ।

ଜିଆଙ୍କ ମା' ପ୍ରାରମ୍ଭରୁ ଏହା ଏକ ହତ୍ୟା ମାମଲା ବୋଲି ଦାବି କରି ଆସିଛନ୍ତି। ଏମିତିକି ଗତ ବର୍ଷ ସେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ଏହି ମାମଲାରେ ପୁଣି ଥରେ ମୂଳରୁ ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। ତେବେ ହାଇକୋର୍ଟ ଏହାକୁ ଖାରଜ କରି ଦେଇଥିଲେ।

ସୂଚନାଯୋଗ୍ୟ, ସୂରଜ ପଞ୍ଚୋଲି ହେଉଛନ୍ତି ବଲିଉଡ ଅଭିନେତା ଆଦିତ୍ୟ ପଞ୍ଚୋଲି ଓ ଅଭିନେତ୍ରୀ ଜରୀନା ୱାହାବଙ୍କ ପୁଅ।

Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com

ସଂପାଦକ : ବଦ୍ରି ନାରାୟଣ ମହାନ୍ତି

Editor : Badri Narayan Mohanty